RNI No.ODIODI/2010/33031
୧୬ ବର୍ଷ Volume-16
ISSUE -267 ସଂଖ୍ୟା-୨୬୭
ଭୁବନେଶ୍ୱର, ବୁଧବାର ୦୭ ଜାନୁଆରୀ ୨୦୨୬
Bhubaneswar, Wednesday 07 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ବାୟୁ ପ୍ରଦୂଷଣ ପାଇଁ ଟ୍ୱିନ ସିଟିରେ ଲାଗିଲା କଟକଣା

ଭୁବନେଶ୍ୱର, ୬।୧ (ନି.ପ୍ର) : ରାଜ୍ୟରେ ବଢୁଥିବା ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଟ୍ୱିନ ସିଟିରେ କଟକଣା ଲଗାଯାଇଛି । ପ୍ରଦୂଷଣ ପାଇଁ ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ କନଷ୍ଟ୍ରକସନ କାମ ବନ୍ଦ ରହିବ । ବାହାରେ ଆବର୍ଜନା କିମ୍ବା ଢାବାରେ କୋଇଲା ଜାଳିବା ଉପରେ ମଧ୍ୟ କଟକଣା ଲଗାଯାଇଛି । ରାତିରେ ଭାରି ଯାନ ଚଳାଚଳ ଉପରେ ବି କଟକଣା ଲାଗିଛି ।

ଜାତୀୟ ରାଜପଥ ଉପରେ ଦିନକୁ ୩ଥର କରାଯିବା ପାଣି ସିଞ୍ଚନ । ମ୍ୟୁନିସିପାଲଟି ଅଞ୍ଚଳରେ କୌଣସି ଭଙ୍ଗାରୁଜା କାର୍ଯ୍ୟ ହୋଇପାରିବ ନାହିଁ । ସହର ମଧ୍ୟରେ ଟ୍ରକ ଚଳାଚଳ ବନ୍ଦ ହିବ । କଟକଣାକୁ ବଳବତ୍ତର ରଖିବାକୁ ପୁଲିସ, ଆରଟିଓକୁ ନିର୍ଦ୍ଦେଶ ଦେଇଛି ଜଙ୍ଗଲ ବିଭାଗ । ନିୟମ ନ ମାନିଲେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ।

ଅନ୍ୟପଟେ ଭୁବନେଶ୍ୱରରେ ପ୍ରଦୂଷଣ ରୋକିବାକୁ ବିଏମ୍ସି ପକ୍ଷରୁ କଟକଣା ଜାରି କରା ଯାଇଛି । ହୋଟେଲ୍ ଢାବାରେ କାଠ ଓ କୋଇଲା ଜାଳିବା ସମ୍ପୂର୍ଣ୍ଣ ବାରଣ ହୋଇଛି । ଡିପୋ ଓ ଷ୍ଟାଣ୍ଡରେ ନିୟମିତ ବସ୍ ଧୋଇବାକୁ ସିଆରୟୁଟିକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହିତ ଖୋଲା ସ୍ଥାନରେ ଆବର୍ଜନା ଜାଳିଲେ ୫ହଜାର ଫାଇନ୍ ଓ ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ପାଇଁ ସ୍ୱଚ୍ଛ ଜାଳେଣି ବ୍ୟବହାର ପରାମର୍ଶ ଦିଆଯାଇଛି । ଧୂଳି ଉଡୁଥିବା ସ୍ଥାନରେ ପାଣି ସିଞ୍ଚନ ପାଇଁ ବିଏମ୍‌ସିର ନିର୍ଦ୍ଦେଶ ରହିଛି ।

'ଭିବି ଜି ରାମ ଜି' ବିଲ୍‌ର ଲକ୍ଷ୍ୟ ବିକଶିତ ଭାରତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୧ (ନି.ପ୍ର) : ବିଜେପି ପାର୍ଟି ଅଫିସ୍‌ରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ପ୍ରେସମିଟ୍ ଅନୁଷ୍ଠିତ ହୋଇଛି । ଯେଉଁଥିରେ ସେ ଭବ ଜି ରାମ ଜି ବିଲ୍‌ରେ ଉପକାରିତା ନେଇ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଏକ ମାତ୍ର ଲକ୍ଷ୍ୟ ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରିଣତ କରିବା । ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ୍ୟ ସ୍ୱପ୍ନ କୁ ପୁରା କରିବା ଲକ୍ଷ୍ୟ ନେଇ କରାଯାଇଛି । କୌଣସି ରାଜନୈତିକ ଫାଇଦା ଉଠାଇବା ଲକ୍ଷ୍ୟ ନୁହେଁ । ଭିବି ଜି ରାମ ଜି ଆଇନକୁ ନେଇ ବିରୋଧୀ ଦଳ ମାନେ ଅପପ୍ରଚାର କରୁଛନ୍ତି । କୃଷକ ବିରୋଧୀ ଓ ଗରିବ ବିରୋଧୀ ବୋଲି କହୁଛନ୍ତି ବିରୋଧୀ ଦଳ । ହେଲେ କୃଷକ ଓ ଶ୍ରମିକ ମାନଙ୍କ ଅଧିକାର ସୁରକ୍ଷା ପାଇଁ ଆଇନରେ ବ୍ୟବସ୍ଥା କରାଯାଇଛି । ସୃଷ୍ଟି ହେଉଥିବା ଭ୍ରାନ୍ତିକୁ ଦୂର କରିବା ଆଜି ସାମ୍ବାଦିକ ସମ୍ମିଳନୀର ଉଦ୍ଦେଶ୍ୟ । କୃଷକ ଓ ଗରିବଙ୍କ ରୋଜଗାର ବୃଦ୍ଧି ପାଇଁ ବିଭିନ୍ନ ସମୟରେ ସ୍ୱାଧୀନତା ପୂର୍ବରୁ ଓ ପରେ ମଧ୍ୟ ବ୍ୟବସ୍ଥା ଥିଲା । ଇଂରେଜ ଶାସନ ସମୟରେ ଦୁର୍ଭିକ୍ଷ ସମୟରେ ଯୋଜନା ଏକ ଯୋଜନା କରାଯାଇଥିଲା । କିନ୍ତୁ ଲୋକଙ୍କୁ କାମ ମିଳୁନଥିଲା । କେନ୍ଦ୍ର ସରକାର ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ଦାୟିତ୍ୱ ଦେଇଥିଲେ ।

କିନ୍ତୁ ପୂର୍ବରୁ ଲୋକଙ୍କ ପାଇଁ ଆଗି କାମ ସୃଷ୍ଟି କରାଯାଉଥିଲା । ପ୍ରଶାସନିକ ଅବହେଳା ଯୋଗୁଁ ଅନେକ ସମୟରେ ବିଫଳ ମଧ୍ୟ ହୋଇଥିଲା । ଲକ୍ଷ୍ୟ ହୀନତା, ଦୁର୍ନୀତିକରଣ ଯୋଗୁଁ ପୂର୍ବ ଯୋଜନା ସବୁ ବିଫଳ ହେଉଥିଲା । ୨୦୦୫ ରେ ଏନଆରଜିଏ ଯୋଜନା ଆରମ୍ଭ ହୋଇଥିଲା । ୨୦ ବର୍ଷ ଧରି ଦେଶରେ କାର୍ଯ୍ୟକାରୀ କରାଯାଇଛି । ୨୦୦୯ ମସିହାରେ ମନରେଗା ନାଁରେ ନାମିତ କରାଗଲା । କିନ୍ତୁ ମୌଳିକ ଢାଞ୍ଚା ବଦଳିଲା ନାହିଁ । କେବଳ ଗାନ୍ଧୀଙ୍କ ନାମକୁ ବ୍ୟବହାର କଲା ପୂର୍ବ ଉପା ସରକାର । କେବଳ ରାଜନୈତିକ ଫାଇଦା ହାସଲ ପାଇଁ କାର୍ଯ୍ୟକାରୀ କରାଗଲା । ତାହା ମଧ୍ୟ ବିଫଳ ଯୋଜନା । ଆସେଟ୍ ସୃଷ୍ଟି କରିବାରେ ବିଫଳ ହୋଇଥିଲା । ୧୦୦ ଦିନର କାମ ପାଇଁ ଗ୍ୟାରେଣ୍ଟି ଦିଆଯାଇଥିଲା । କିନ୍ତୁ ୨୦୨୧-୨୫ ମଧ୍ୟରେ ରୋଜଗାର ପ୍ରଦାନ କରିବା ଦିଗରେ ମାତ୍ର ୫୦ ଦିନ ହିଁ କାମ ଦିଆଯାଇଛି । ମାତ୍ର ୫୦ ପ୍ରତିଶତ ହୋଇଛି । ୫୦ ଦିନ କାମ ଦିଆଯାଉଥିଲା ।

ଦୁର୍ବଳ ଯୋଜନା, ଋତୁ କାଳୀନ ସମସ୍ୟା, ପ୍ରଶାସନିକ ସମସ୍ୟା ଯୋଗୁଁ କାମ କରାଯାଉନଥିଲା । କାମ ନମିଳିଲେ ଦିଆଯାଉଥିବା ଭତ୍ତା ମଧ୍ୟ ଅତି ନଗଣ୍ୟ । ଏଥିରେ ଦୁର୍ନୀତି ହୋଇଛି ଓ ଅସଫଳ ହୋଇଛି । ଉପା ସରକାର କାର୍ଯ୍ୟକାରିତାକୁ ବିଫଳତା ଓ ଦୁର୍ନୀତି ଯୋଗୁଁ ହିତାଧିକାରୀଙ୍କୁ କୌଣସି ସୁବିଧା ମିଳିଲା ନାହିଁ । ବିହାରରେ ୬ ହଜାର କୋଟିର ସ୍କାମ ହୋଇଥିଲା । ଭୂତ ହିତାଧିକାରୀ, ମିଛ ମଷ୍ଟର ରୋଲ କରି ଦୁର୍ନୀତି କରାଯାଇଥିଲା । ୨୦୧୧ରେ ଉତ୍ତର ପ୍ରଦେଶରେ ୧୦ ହଜାର କୋଟି ଦୁର୍ନୀତି ହୋଇଥିଲା । ଓଡ଼ିଶାରେ ମଧ୍ୟ ସମ୍ବଲପୁର ୨୦୧୨ରେ ମୃତ ବ୍ୟକ୍ତି, ରୋଗୀ, ଭାତ୍ତା ପାଉଥିବା ଲୋକଙ୍କୁ ସାମିଲ କରାଯାଇଥିଲା । ଅର୍ଥ ହଡପ କରାଯାଇଥିଲା, ଦୁର୍ନୀତି ହୋଇଥିଲା ।

୨୦୨୦ ପର ଠାରୁ କାମର ଚାହିଦା ଅନୁସାରେ ପ୍ରକୃତ କର୍ମ ନିଯୁକ୍ତି ମାତ୍ର ୧୪ ପ୍ରତିଶତ । ୨୦୨୫ରେ ୫.୭୮ କୋଟି ପରିବାର ପାଇଁ ୮୫ ହଜାର ୩୩୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ୧୮ ରାଜ୍ୟ ମଧ୍ୟରୁ ୬.୬୪ କୋଟି ପରିବାରକୁ ସହାୟତା ମିଳିଥାଆନ୍ତା । ଦୁର୍ନୀତି, ବାଟମାରଣା ଯୋଗୁଁ ମିଳି ପାରିଲା ନାହିଁ । ୨୦୨୧-୨୫ ମଧ୍ୟରେ ମାତ୍ର ୪୧ ପ୍ରତିଶତ ଲୋକଙ୍କୁ ଯୋଡା ଯାଇଛି । ଡିଜିଟାଲ ଟେକ୍ନୋଲୋଜି ବ୍ୟବହାର ନହେବା ଯୋଗୁଁ ମାନୁଆଲ ମଷ୍ଟର ରୋଲ କରି ଦୁର୍ନୀତି ଓ ଚୁଅକତା କରାଯାଉଥିଲା । କାମ ନହୋଇ କାମ ହୋଇଛି ବୋଲି ଦେଖା ଯାଉଥିଲା । ଦୁର୍ନୀତିକୁ ପ୍ରଶୟ ଦିଆଯାଇଥିଲା ।

ଭବ ଜି ରାମ ଜି ନୂଆ ଆଇନ ଆଣିଛନ୍ତି ମୋଦି ସରକାର । ଟେକ୍ନୋଲୋଜି ବ୍ୟବହାର କରି ଦୁର୍ନୀତି ହଟାଇବା ମୂଳ ଲକ୍ଷ୍ୟ । ଏ ଆଇନର ନାଁରେ ମଧ୍ୟ ବିକଶିତ ଭାରତ ରହିଛି । ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ୍ୟର ସ୍ୱପ୍ନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । କେବଳ ଗାନ୍ଧୀଙ୍କ ନାଁ ବ୍ୟବହାର କରି ରାଜନୈତିକ ଫାଇଦା ଉଦ୍ଦେଶ୍ୟ ନୁହେଁ।

୨୦୪୭ ର ଲକ୍ଷ୍ୟକୁ ଆଧାର କରି ଆଇନ ପ୍ରସ୍ତୁତ କରାଯାଇଛି । ୧୦୦ ଦିନ ବଦଳରେ ୧୨୫ ଦିନ କାମ ପାଇବା ପାଇଁ ଅଧିକାର ଦିଆଯାଇଛି । ଗ୍ରାମାଞ୍ଚଳରେ କର୍ମ ନିଯୁକ୍ତି ବ୍ୟବସ୍ଥା, ପୂର୍ବ ଆଇନର ଦୁର୍ବଳତାକୁ ଦୂର କରାଯାଇପାରିବ ।

ଉତ୍ତର ପୂର୍ବ ଓ ହିମାଳୟ ପାଦ ଦେଶରେ ଥିବା ରାଜ୍ୟ ପାଇଁ ୯୦: ୧୦ ଅନୁପାତରେ ଯୋଜନା ଲାଗୁ ହେବ । କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ । କେନ୍ଦ୍ର ସରକାର ୧୦୦ ପ୍ରତିଶତ ଦେବେ । ଅନ୍ୟ ରାଜ୍ୟରେ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଦେବେ । ଯାହାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ସମନ୍ୱୟ ରହିବ । ରାଜ୍ୟ ମାନଙ୍କ ଉପରେ ଦାୟିତ୍ୱବୋଧତା ବଢିବ । ୨୬୦ ପ୍ରକାର କାମ ୪ଟି କ୍ଷେତ୍ର କ୍ଷେତ୍ରରେ କାମ ଦିଆଯିବ । ଜଳ ସୁରକ୍ଷା, ଗ୍ରାମାଞ୍ଚଳ ଭିତ୍ତିଭୂମି, ଜୀବିକା, ଆସେଟ , ଜଳ ବାୟୁ ସୁରକ୍ଷା ।

ଚାଷ କାମ ଓ ଅମଳ ସମୟରେ କାମ ଯୋଜନା କାମ ବନ୍ଦ ରହିବ । ୬୦ ଦିନ କାମ ବନ୍ଦ ରହିବ । ମିଛ ବିଲ କରି କେହି ନେଇପାରିବେ ନାହିଁ । ଚାଷ ସମୟରେ ଶ୍ରମିକ ଅଭାବ ରହିବ ନାହିଁ । ଏଆଇ ଟେକ୍ନୋଲୋଜି ବ୍ୟବହାର ହେବ । କେନ୍ଦ୍ର ଓ ରାଜ୍ୟର ଷ୍ଟିୟରିଂ କମିଟି ମଧ୍ୟ ତଦାରଖ କରିବେ । କାମ ମାଗିବାର ୧୫ ଦିନ ଭିତରେ କାମ ଦେଇନପାରିଲେ ଭତ୍ତା ଦେବାକୁ ବାଧ । ଗାନ୍ଧୀଙ୍କ ନାମକୁ କେବଳ ପ୍ରତୀକ ଭାବେ ବ୍ୟବହାର କରାଯାଇନାହିଁ । ବ୍ରିଟିଶ ସମୟରୁ ଆଜି ଯାଏଁ ଭାରତର ନିଯୁକ୍ତି ଆଇନ ପରିବର୍ତ୍ତନ କରାଯାଇଛି ।

କୁଆଖାଇରେ ବୁଡି ଦୁଇ ଛାତ୍ର ମୃତ

ଭୁବନେଶ୍ୱର, ୬।୧ (ନି.ପ୍ର): କୁଆଖାଇରେ ବୁଡି ଦୁଇ ଜଣ ଛାତ୍ରଙ୍କର ମୃତ୍ୟୁ ହୋଇଛି ।ମଙ୍ଗଳବାରରେ ବଣଭୋଜି କରୁଥିବା ବେଳେ ଏହି ଦୁଇ ଛାତ୍ର ନଈରେ ଗାଧୋଉଥିବା ବେଳେ ବୁଡିଯାଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ପକ୍ଷରୁ ଏମାନଙ୍କୁ ଖୋଜାଖୋଜି କରିଥିଲେ । ସନ୍ଧ୍ୟା ସମୟରେ ଏହି ଦୁଇ ଛାତ୍ରଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ୍ ହସ୍‌ପିଟାଲ୍‌କୁ ନିଆଯାଇଥିଲା । ସେଠାରେ ଡାକ୍ତର ଏମାନଙ୍କୁ ମୃତ ଘୋଷଣା କରିଥିଲେ । ଏହି ଦୁଇ ଛାତ୍ର ଏକ ଘରୋଇ ଇନ୍‌ଷ୍ଟିଚ୍ୟୁଟ୍‌ରେ ପାଠ ପଢୁଥିଲେ । ଏମାନଙ୍କ ନାଁ ପଙ୍କଜ ସାହୁ ଓ ପ୍ରତୀକ ପାଲୁର ବୋଲି ଜଣା ପଡିଛି ।

ଭାରତ-ବାଂଲାଦେଶ ସୀମାରେ ହାଇଆଲର୍ଟ

ନୂଆଦିଲ୍ଲୀ, ୬।୧ : ବାଂଲାଦେଶର ସାମ୍ପ୍ରତିକ ପରିସ୍ଥିତି ଯୋଗୁଁ ଭାରତ ଏବେ ହାଇ ଆଲର୍ଟରେ ଅଛି। ଭାରତ-ବାଂଲାଦେଶ ଅନ୍ତର୍ଜାତୀୟ ସୀମାରେ ସୁରକ୍ଷାକୁ ଆହୁରି ବୃଦ୍ଧି କରାଯାଇଛି। ସୀମା ସୁରକ୍ଷା ବଳ (ବିଏସଏଫ୍) ଚିକେନ୍ ନେକ୍ ଅଞ୍ଚଳର ପ୍ରାୟ ୭୫ଧ ଅଞ୍ଚଳରେ ଏକ ନୂତନ ଡିଜାଇନ୍ ବାଡ଼ (ଏନଡିଏଫ୍ ?) ସ୍ଥାପନ କରାଯାଇଛି। ରିପୋର୍ଟ ଅନୁଯାୟୀ, ବିଏସଏଫ୍ ପକ୍ଷରୁ ବିଶେଷ ସମ୍ବେଦନଶୀଳ ଅଞ୍ଚଳରେ ୧୨ ଫୁଟ ଉଚ୍ଚତାର ଅତ୍ୟାଧୁନିକ ବାଡ଼ ସ୍ଥାପନ କରାଯାଇଛି । ସ୍ମାର୍ଟ ବାଡ଼ ବ୍ୟବହାର କରାଯାଇଛି କାରଣ ଏହାର ଡିଜାଇନ୍ ଏବଂ ଉଚ୍ଚତା ଏହାକୁ ଅତିକ୍ରମ କରିବା ପ୍ରାୟ ଅସମ୍ଭବ। ଏହାକୁ କାଟିବା ମଧ୍ୟ ସହଜ ନୁହେଁ। ବିଏସଏଫ୍ ଅଧିକାରୀମାନେ କହିଛନ୍ତି ଯେ ଏହି ବ୍ୟବସ୍ଥା ଅନୁପ୍ରବେଶ ଏବଂ ଗୋରୁ ଚୋରା ଚାଲାଣ ଘଟଣା ହ୍ରାସ କରିବ। ସିଲିଗୁଡ଼ି କରିଡର ଭାବରେ ଜଣାଶୁଣା ଚିକେନ୍ ନେକ୍ ହେଉଛି ଏକ ସଂକୀର୍ଣ୍ଣ ଭୂମି ଯାହା ଭାରତୀୟ ମାନଚିତ୍ରରେ କୁକୁଡ଼ାର ବେକ ସହିତ ସଦୃଶ। ଚିକେନ୍ ନେକକୁ ଉତ୍ତର-ପୂର୍ବର ଜୀବନରେଖା ଭାବରେ ବିବେଚନା କରାଯାଏ କାରଣ ଏହା ଉତ୍ତର-ପୂର୍ବକୁ ଭାରତ ସହିତ ସଂଯୋଗ କରେ। ତେଣୁ, ଏହାର ସୁରକ୍ଷା ବୃଦ୍ଧି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଏସଏଫ ଅଧିକାରୀଙ୍କ ଅନୁଯାୟୀ, ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ସୁରକ୍ଷାକୁ ଆହୁରି ମଜବୁତ କରାଯାଉଛି। ନୂତନ ବାଡ଼ ସହିତ, ପ୍ୟାନ୍-ଟିଲ୍ଟ-ଜୁମ୍ (PTZ) କ୍ୟାମେରା ମଧ୍ୟ ଲଗାଯାଇଛି।

ଅସମ୍ଭାଳ ଶୀତରେ ଥରୁଛି ସାରା ଓଡ଼ିଶା

ଜନଜୀବନ ଅସ୍ତବ୍ୟସ୍ତ

ଭୁବନେଶ୍ୱର, ୬।୧ (ନି.ପ୍ର) : ପୂରା ଓଡିଶାକୁ ଶୀତଲହରୀ ଅକ୍ତିଆର କରିଛି । ଶୀତର ପ୍ରଭାବ ଏତେ ବ? ଯାଇଛି ଯେ, କେବଳ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡିର ଲୋକେ ଥରୁନାହାନ୍ତି; ବରଂ ରାଜଧାନୀ ଭୁବନେଶ୍ୱରବାସୀ ମଧ୍ୟ ପ୍ରବଳ ଥଣ୍ଡାରେ ଜୀବନ ଅତିବାହିତ କରୁଛନ୍ତି । ରାଜ୍ୟର ସର୍ବାଧିକ ତାପମାତ୍ରାର ସହର ଝାରସୁଗୁଡାରେ ତାପମାତ୍ରା ୭୨ ବର୍ଷର ରେକର୍ଡ ଭାଙ୍ଗିଛି । ସୋମବାର-ମଙ୍ଗଳବାର ରାତିରେ ଏଠାରେ ତାପମାତ୍ରା ୫-ରୁ ୬ଡିଗ୍ରି ରେକର୍ଡ କରାଯାଇଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଚଳିତ ସପ୍ତାହ ଥଣ୍ଡାରୁ ଆଶ୍ୱସ୍ତି ମିଳିବା ସମ୍ଭାବନ କମ୍ ? ରହିଛି ।

ରାଜ୍ୟବ୍ୟାପୀ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱରରେ ଆଜି ସର୍ବାଧିକ ତାପମାତ୍ରା ୨୪ ଡିଗ୍ରି ରେକର୍ଡ କରାଯାଇଥିବା ବେଳେ କଟକରେ ଏହା ୨୩ ଡିଗ୍ରି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା

ଦିଆଯାଇଛି । ଆଜି ରାତିରେ ଏବଂ ଆସନ୍ତାକାଲି ମଧ୍ୟ ପ୍ରବଳ ଶୀତ ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆସନ୍ତାକାଲି ପାଇଁ ଝାରସୁଗୁଡାରେ ୫ ଡିଗ୍ରି ଓ ରାଉରକେଲା ସେହିପରି ଛତ୍ରପୁର ଓ ଗୋପାଳପୁରରେ ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରି ଆକଳନ କରାଯାଇଛି ।

ଶୀତରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦେଖିବାକୁ ମିଳୁଛି । ରାଜ୍ୟର ଉତ୍ତପ୍ତ ସହର ଭାବେ ଜଣାଶୁଣା ଝାରସୁଗୁଡାରେ ସର୍ବନିମ୍ନ ତାପମାତ୍ରା ରେକର୍ଡ ହେଉଛି । ସମ୍ବଲପୁର ଓ ନୂଆପଡା ସହିତ ଉପକୂଳ ଓଡିଶାର ତାପମାତ୍ରା ସମାନ ପରିଲକ୍ଷିତ ହେଉଛି । ଲୋକମାନେ ଦିନତମାମ ଶୀତବସ୍ତ୍ର ପରିଧାନ କରୁଥିବା ଦୃଷ୍ଟିଗୋଚର ହେଉଛି । ଜଳାଶୟରେ ଲୋକଙ୍କର ଭିଡ ଅପେକ୍ଷାକୃତ କମ୍ ରହୁଛି । ଛୋଟପିଲା ଓ ବୟସ୍କ ବ୍ୟକ୍ତିଙ୍କୁ ଶୀତ ଅଧିକ ଯନ୍ତ୍ରଣା ଦେଉଛି । ଗ୍ରାମାଞ୍ଚଳରେ ଲୋକମାନେ କାଠନିଆଁ ପାଖରେ ବସି ଗପସପ କରିବା ସହିତ ଶୀତଦାଉରୁ ଆଶ୍ୱସ୍ତିଲାଭ କରୁଛନ୍ତି ।

ଜିନ୍ଦଲ ଷ୍ଟିଲ ଓଏଚ୍‌ସିର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିକିତ୍ସା ଭୂଷଣ ସମ୍ମାନ

ଯୋଡ଼ା/ବଡ଼ବିଲ, ୬।୧ (ନି.ପ୍ର) : ଜିନ୍ଦଲ ଷ୍ଟିଲର ବଡ଼ବିଲ ପେଲେଟ ପ୍ଲାଣ୍ଟସ୍ଥିତ ଅକ୍ୟୁପେସନାଲ ହେଲଥ ସେଣ୍ଟର (ଓଏଚ୍‌ସି)ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରାମାନନ୍ଦ ପ୍ରସାଦଙ୍କୁ ଜାତୀୟସ୍ତରର ସମ୍ମାନଜନକ ପୁରସ୍କାର ଚିକିତ୍ସା ଭୂଷଣ-୨୦୨୫ରେ ସମ୍ମାନିତ କରାଯାଇଛି । ଗୁରୁଗ୍ରାମରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ବିହାରର ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ଜୀବେଶ କୁମାର ମିଶ୍ର ଓ ବଲିଉଡ଼ ଅଭିନେତା ଶ୍ରୀ ଚଙ୍କି ପାଣ୍ଡେଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା ।

ବଡ଼ବିଲ ପେଲେଟ ପ୍ଲାଣ୍ଟ ଓଏଚ୍‌ସି ସମେତ ଡାକ୍ତର ଶ୍ରୀ ରାମାନନ୍ଦ ଜିନ୍ଦଲ ଷ୍ଟିଲର କାଶିଆ ଓ ଟେନ୍ସା ମାଇନ୍ସସ୍ଥିତ ଓଏଚ୍‌ସି ପରିଚାଳନାର ମଧ୍ୟ ନେତୃତ୍ୱ ନେଉଛନ୍ତି । ନିଜର ନିୟମିତ ଦାୟିତ୍ୱ ସହ ବିଭିନ୍ନ ଜରୁରୀକାଳୀନ ପରିସ୍ଥିତିରେ ସେ ଅତ୍ୟନ୍ତ ନିଷ୍ଠାର ସହ ଦାୟିତ୍ୱ ତୁଲାଇ ଆସୁଛନ୍ତି । ଗତ ଜୁନରେ ତୃତୀୟ ମହଲାରୁ ଖସିପଡ଼ି ଗୁରୁତର ଆହତ ହୋଇଥିବା ଜଣେ ଶିଶୁର ଜୀବନ ରକ୍ଷାରେ ଡାକ୍ତର ରାମାନନ୍ଦଙ୍କର ପ୍ରମୁଖ ଭୂମିକା ରହିଥିଲା । ତାଙ୍କର ଏହି ଜରୁରୀକାଳୀନ ଚିକିତ୍ସା ପରିଚାଳନା ଦକ୍ଷତାକୁ ବିଭିନ୍ନ ମହଲରେ ପ୍ରଶଂସା ମଧ୍ୟ କରାଯାଇଥିଲା । କୋଭିଡ ସମୟରେ ମଧ୍ୟ ସେ ଅତ୍ୟନ୍ତ ନିଷ୍ଠାର ସହ ସେବା ଯୋଗାଇବା ସହ ଦଶ ହଜାରରୁ ଅଧିକ ଲୋକଙ୍କ ଟୀକାକରଣ କରାଇଥିଲେ । ଏହା ସହିତ ସଫଳତାର ସହ ବହୁ ଗୁରୁତର କୋଭିଡ ରୋଗୀଙ୍କର ଚିକିତ୍ସା କରିଥିଲେ । ଏହା ପୂର୍ବରୁ ଡାକ୍ତର ରାମାନନ୍ଦ ଅର୍ଦ୍ଧ ସାମରିକ ବଳରେ କାର୍ଯ୍ୟକରିବା ସହ ନିଜର ଉଲ୍ଲେଖନୀୟ ସେବା ପାଇଁ ଗଭର୍ଣ୍ଣର୍ସ ଗୋଲ୍ଡ ମେଡାଲ ମଧ୍ୟ ପାଇଛନ୍ତି ।

ସ୍କୁଟିକୁ ଧକ୍କା ଦେଲା ବସ୍
ମହିଳା ସାମ୍ବାଦିକାଙ୍କ ସମେତ ଦୁଇ ମୃତ

ଭୁବନେଶ୍ୱର, ୬।୧ (ନି.ପ୍ର) : ପିପିଲି ଥାନା ଅନ୍ତର୍ଗତ ମଙ୍ଗଳପୁର ନିକଟସ୍ଥ ଜମାଲପୁର ଛକରେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥରେ ମଙ୍ଗଳବାର ଏକ ଘରୋଇ ବସ୍ ସ୍କୁଟିକୁ ଧକ୍କା ଦେଇଛି । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ମହିଳା ସାମ୍ବାଦିକାଙ୍କ ସମେତ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ମୃତ ମହିଳା ସାମ୍ବାଦିକାଙ୍କ ନାମ ଶୀଲା ପଟ୍ଟନାୟକ ବୋଲି ଜଣାପଡିଥିବା ବେଳେ ଅନ୍ୟ ଜଣଙ୍କର ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପୁଲିସ ଶୀଲାଙ୍କୁ ତାଙ୍କ ପ୍ରେସ୍ ପରିଚୟପତ୍ରରୁ ଚିହ୍ନଟ କରିଛି । ମହିଳା ସାମ୍ବାଦିକା ଏକ ସ୍କୁଟିରେ ଭୁବନେଶ୍ୱରରୁ ପୁରୀ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା । ସ୍କୁଟିର ଚକ ରାସ୍ତାରେ ଥିବା ଏକ ବାଲି ଗଦା ଯୋଗୁ ସ୍ଲିପ୍ ହୋଇଥିଲା । ଫଳରେ ସ୍କୁଟି ତଳେ ପଡ଼ିଯାଇଥିଲା । ସେହି ସମୟରେ ପଛ ପଟୁ ଆସୁଥିବା ଏକ ବସ୍ ସ୍କୁଟିକୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଗୁରୁତର ଥିଲା ଯେ, ସ୍କୁଟିଟି ପ୍ରାୟ ୨୦ ମିଟର ଟାଣି ହୋଇଯାଇଥିଲା । ଫଳସ୍ୱରୂପ, ଶୀଲାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଅନ୍ୟ ଜଣଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପିପିଲି ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

ନାବାଳିକା ଦୁଷ୍କର୍ମକାରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

ବରଗଡ଼, ୬।୧ (ନି.ପ୍ର): ବରଗଡ ଜିଲ୍ଲା ପଦ୍ମପୁର ପୋକ୍‌ସୋ କୋର୍ଟ ଆଜି ଜଣେ ୬ ବର୍ଷର ନାବାଳିକାଙ୍କ ଦ

ଆଞ୍ଚଳିକ ସମୟ

ବୁଧବାର,୭,ଜାନୁଆରୀ,୨୦୨୬ Wednesday,7 January 2026, Bhubaneswar

ଜୟହିନ୍ଦ ହାଇସ୍କୁଲରେ ଗୁରୁ ପୂଜନ ଓ ବନ୍ଧୁମିଳନ

ପଟାମୁଣ୍ଡାଇ,୬।୧:(ମନ୍ଟୁନ)ପଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲର ୧୯୮୩(ଜୁନିଅର) ମାଟ୍ରିକ ବ୍ୟାଚ ପକ୍ଷରୁ ଗୁରୁ ପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ତଥା ପୂର୍ବତନ ସରପଞ୍ଚ ସଂଜୀବ ମଲ୍ଲିକଙ୍କ ପୌରହିତ୍ୟ ଓ ଅଧ୍ୟାପକ ସୁଧାଂଶୁ ଭୂଷଣ ସାମଲଙ୍କ ସଂଯୋଜନାରେ ଆୟୋଜିତ ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ଚତୁର୍ଭୁଜ ରାଉଳ, କେଦାର ପ୍ରଧାନ, ସୁରେଶ ନାୟକ, ବିଜୟ ଜେନା ଭଗବାନ ରାଉତ, ପ୍ରଭାତ ରାୟ, ଅଭିରାମ ବିଶ୍ୱାଳ ଓ ଦୁର୍ଯ୍ୟୋଧନ ଦାସ, ବର୍ତ୍ତମାନର ପ୍ରଧାନଶିକ୍ଷକ ଭାସ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଧୋୟାଞ୍ଚଳର ଏହି ଗୌରବମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆ।ଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ପୁରାତନ ଛାତ୍ର ଅ।ରତ ରଞ୍ଜନ ବିଶ୍ୱାଳ ଓ ମାନଗୋବିନ୍ଦ ବିଶ୍ୱାଳଙ୍କ ନେତୃତ୍ୱରେ ପୁରାତନ ଛାତ୍ରଛାତ୍ରୀ ମାନେ ଗୁରୁ ମାନଙ୍କ ପାଦ ଧୋଇ ଦେଇ ସିନ୍ଦୁର ଚନ୍ଦନ ଲଗାଇବା ସହିତ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପୁରାତନଛାତ୍ର ପ୍ରଶାନ୍ତ ବିଶ୍ୱାଳ, ସଂଜୀବ ମଲ୍ଲିକ ଭାରତ ଭୂଷଣ ପରିଡା, ପ୍ରକାଶ ଦାସ, ମନୋଜ ରାଉତ, ଅ।ଶାଲତା ନାୟକ ମାନଗୋବିନ୍ଦ ବିଶ୍ୱାଳ, ଅଧର ଦାଶ, ଦେବବ୍ରତ ଦାଶ ଗୁରୁ ପ୍ରସାଦ ରାଉତ, ଦେବବ୍ରତ ପ୍ରଧାନ ସ୍ନେହଲତା ମହାନ୍ତି, ହେମଲତା ପ୍ରଧାନ, ଜିତେନ୍ଦ୍ର ଦାଶ,କେଶବ ରାଉତ, ଜ୍ୟୋର୍ତିମୟୀ ବିଶ୍ୱାଳ, କୈଳାଶ ରାଉତ, କଳ୍ପନା ଭୂୟାଁ, କୁଞ୍ଜ ବିହାରୀ ମଲ୍ଲିକ,ନିତ୍ୟାନନ୍ଦ ନାୟକ, ପ୍ରକାଶ ଦାସ ରଂଜିତା ନାୟକ, ରଶ୍ମିରଞ୍ଜନ ନାୟକ, ସତ୍ୟାନନ୍ଦ ପ୍ରଧାନ,ସୁଶାନ୍ତ ବିଶ୍ୱାଳ ଉମେଶ ବିଶ୍ୱାଳ, ସୁଶାନ୍ତ ଦାସ ଭାନୁମତି ବିଶ୍ୱାଳ, ଅବନ୍ତୀ ପ୍ରଧାନ ଚିନ୍ମୟୀ ବିଶ୍ୱାଳ ପ୍ରମୁଖ ସ୍କୁଲ ଜୀବନର ସ୍ମୃତି ଉରଣ କରିବା ସହିତ ସାମାଜିକ ପରିଚୟ ଓ ପ୍ରତିଷ୍ଠା ଦେଇଥିବା ଏହି ମହାନ ଶିକ୍ଷାନୁଷ୍ଠାନ ବିକାଶ ପାଇଁ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଶପଥ ନେଇଥିଲେ ଓ ପୁରାତନ ଛାତ୍ର ପ୍ରଶାନ୍ତ ବିଶ୍ୱାଳ, ସ୍ୱାଗତ ଭାଷଣ ଓ ମନୋଜ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭା ଅ।ରମ୍ଭରେ ଦିବଂଗତ ଶିକ୍ଷକ ଓ ୧୯୮୩ ଜୁନିଅର ବ୍ୟାଚ ଛାତ୍ରଛାତ୍ରୀଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ଓ ଶେଷରେ ଉମେଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । ପୁରାତନ ଛାତ୍ର ପ୍ରଶାନ୍ତ ବିଶ୍ୱାଳଙ୍କ ଜନ୍ମଦିନ ଅବସରରେ ବନ୍ଧୁମିଳନରେ ଯୋଗ ଦେଇଥିବା ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତରୀୟ ଓ ଖଣ୍ଡୁଆ । ପାଟ ପ୍ରଦାନ କରାଯାଇଥିଲା । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସୁଶାନ୍ତ ବିଶ୍ୱାଳ ଚିନ୍ମୟୀ ବିଶ୍ୱାଳ ସ୍ନେହଲତା ମହାନ୍ତି ଭାନୁମତି ପ୍ରଧାନ, ଜିତେନ୍ଦ୍ର ଦାସ, ସୁଶାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିବାବେଳେ ସତ୍ୟାନନ୍ଦ ପ୍ରଧାନ ରଂଜିତା ନାୟକ, କେଶବ ରାଉତ କଳ୍ପନା ଭୂୟାଁ, କୈଳାଶ ରାଉତ ପ୍ରକାଶ ଦାସ ରଶ୍ମି ରଞ୍ଜନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଜାତୀୟ ଟଙ୍ଗ ଇନ ମୁ ଡୁ କ୍ରିଡ଼ା ପ୍ରତିଯୋଗିତାରେ ଡେଲାଙ୍ଗ ଶିଶୁ ଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ

ଡେଲାଙ୍ଗ,୬।୧:(ମନ୍ଟୁନ) ଜାତୀୟ ମାର୍ଶାଲ ଅ।ର୍ଟ ବା ଟଙ୍ଗ ଇନ ମୁଡୁ କ୍ରିଡ଼ା ପ୍ରତିଯୋଗିତାରେ ଡେଲାଙ୍ଗ ବ୍ଲକର ସଂସ୍କାର ସାଧନା ବିଦ୍ୟାଳୟମ ଷଷ୍ଠ ଶ୍ରେଣୀ ଛାତ୍ର ସାଇ ଶାଶ୍ୱତ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରି ବିଦ୍ୟାଳୟ ସମେତ ଡେଲାଙ୍ଗ ଅଂଚଳର ଗୌରବ ବୃଦ୍ଧି କରିଥିଲା ବେଳେ ଏହି ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ର ସାଇ ପ୍ରକାଶ ପରିଡା ଓ ଚତୁର୍ଥ ଶ୍ରେଣୀ ଛାତ୍ରୀ ଦମୟନ୍ତୀ ପ୍ରଧାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ନୂଆ। ଦିଲ୍ଲୀସ୍ଥ କର୍ନେଲ ସିଂ ଷ୍ଟାଡିଅମ ରେ ଗତ ୨୯ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପୁରୀ ଜିଲ୍ଲାରୁ ୧୭ ଜଣ ଓ ଭାରତର ବିଭିନ୍ନ ପ୍ରଦେଶରୁ ୭ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ବି ଟଙ୍ଗ ଇନ ମୁଡୁ ଅ।ସୋସିଏସନର ପୁରୀ ଜିଲ୍ଲା ସମ୍ପାଦକ ଜନ୍ମେଜୟ ରଥଙ୍କ ତତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ଏହି ଜାତୀୟ କ୍ରିଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା ବେଳେ କ୍ରିଡ଼ା ପ୍ରଶିକ୍ଷକ (କୋଚ)ଲୋକନାଥ ବେହେରା ଶିଶୁ ଖେଳାଳିଙ୍କୁ ତାଲିମ ଦେଇଥିଲେ ସଫଳତା ହାସଲ କରି ନୂଆ। ଦିଲ୍ଲୀରୁ ଫେରିବା ପରେ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକମାନେ କଣାସ ରୋଡ଼ ରେଳ ଷ୍ଟେସନ ସନ୍ନିକଟ ବାଇଅ। ବଜାର ଠାରୁ ଏକ ଖୋଲା ଜିପରେ କୃତି ଖେଳାଳିଙ୍କୁ ଢ଼ମ ବାଦ୍ୟ ସହ ପଟୁଅ।ରରେ ଅ।ଣି ଡେଲାଙ୍ଗ ହାଟ ବଜାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସମ୍ମାନ ପ୍ରଦର୍ଶନ କରିଥିଲେ । ଡେଲାଙ୍ଗ ପଂଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁ କୃତି ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଖୋଲା ଜିପରେ ପରିକ୍ରମା କରିଥିଲା ବେଳେ ଡେଲାଙ୍ଗ କୋଠବାଡ଼ ପଂଚାୟତ ସରପଞ୍ଚ ଦୀପକ କୁମାର ସାହୁ ଶେଷଦେବ ବାରିକ , ଗୋବର୍ଦ୍ଧନ ସେଠି, ମାର୍କଣ୍ଡ ପରିଡା, ସ୍ନେହଲତା ସାହୁ, ବିଶ୍ୱନାଥ ପଟ୍ଟନାୟକ, କଳ୍ପତରୁ ବରାଳ, ଇଂ ହରେକୃଷ୍ଣ ସ୍ୱାଇଁ, ମାନସ ରଞ୍ଜନ ବେହେରାଙ୍କ ସହ କାଶୀନାଥ ସାହୁ, ରୋହିତ ପ୍ରଧାନ, ବିଦ୍ୟାଧର ପ୍ରଧାନ ପ୍ରମୁଖ କୃତି ୩ ଛାତ୍ର ଛାତ୍ରୀଙ୍କୁ ଉତ୍ତରୀୟ ପରିଧାନ କରାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଦ୍ୟାଳୟ ଠାରେ ପରିଚାଳନା ସମିତି ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ଶିବ ସ୍ୱରୂପ ମଙ୍ଗରାଜ, ଅଧକ୍ଷ ସତ୍ୟଜିତ ବାରିକ, କୃତି ଛାତ୍ରଛାତ୍ରୀଙ୍କ ଅଭିଭାବକ ବସନ୍ତ କୁମାର ସାହୁ, ଦୀପଙ୍କର ପ୍ରଧାନ, ଉମେଶ ଚନ୍ଦ୍ର ପରିଡା ଓ୍ଗେର ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ଅ।ଶୀର୍ବାଦ କରିଥିଲେ ।

ଇସ୍କଫ ପକ୍ଷରୁ ଭେନେଜୁଏଲା ପ୍ରତି ସଂହତି ପ୍ରକାଶ

କେନ୍ଦ୍ରାପଡ଼ା,୬।୧:(ମନ୍ଟୁନ)ଯୁକ୍ତରାଷ୍ଟ୍ର ଆମେରିକାର ନବ-ସାମ୍ରାଜ୍ୟବାଦୀ ଟ୍ରମ୍ପ ପ୍ରଶାସନ ଗତ ଶନିବାର ମଧ୍ୟରାତ୍ରରେ ଦକ୍ଷିଣ-ଆମେରିକୀୟ ରାଷ୍ଟ୍ର ଭେନେଜୁଏଲା ଉପରେ ଅତର୍କିତ ଆକ୍ରମଣ କରି ସେହି ରାଷ୍ଟ୍ରର ନିର୍ବାଚିତ ରାଷ୍ଟ୍ରପତି ନିକୋଲାସ ମାଡୁରୋ ଏବଂ ତାଙ୍କ ସହଧର୍ମିଣୀଙ୍କୁ ଅପହରଣ କରି ନେବା ବିରୋଧରେ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂଘ (ଇସ୍କଫ୍) ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ସଂଗଠନର ଜିଲ୍ଲା ସଭାପତି ଡ. ବାସୁଦେବ ଦାସଙ୍କ ପରିଚାଳନାରେ ପବ୍ଲିକ ରିଡିଙ୍ଗ୍ ରୁମ୍ ପରିସରରେ ଏହି ପ୍ରସଙ୍ଗରେ ଆୟୋଜିତ ସଭାରେ ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ ଭେନେଜୁଏଲାବାସୀଙ୍କ ପ୍ରତି ସଂହତି ପ୍ରକାଶ କରିବା ସହ ସେହି ଦେଶର ରାଷ୍ଟ୍ରପତି ଦମ୍ପତ୍ତିଙ୍କ ମୁକ୍ତି ଓ ନିର୍ବାଚିତ ସରକାରର ପୁନଃ ସ୍ଥାପନ ନିମନ୍ତେ ଜାତିସଂଘ ସମେତ ବିଭିନ୍ନ ଆନ୍ତର୍ଜାତୀୟ ଫୋରମରେ ଭାରତ ସରକାର ଦୃଢ଼ ସ୍ୱର ଉତ୍ତୋଳନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଏହା ଉପରେ ରାଜ୍ୟ ଉପସଭାପତି ଅଧ୍ୟାପକ ଅଜୟ ସାମଲ, ଡ. ନାରାୟଣ ପତି, ଡ. ଚୈତନ୍ୟ ଚରଣ ପରିଡା, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଶୁଭ୍ରାଂଶୁ ଦାସ, ନାରୀନେତ୍ରୀ ଅବନ୍ତି ବେହେରା, ଗୟାଧର ଧଳ, ଭାଗୀରଥି ଜେନା, ସାମ୍ବାଦିକ ଆଶିଷ ସେନାପତି, ଶୈଳବାଳା ସାମଲ, ରାଜକିଶୋର ପଟ୍ଟନାୟକ ପ୍ରମୁଖ ଆଲୋଚନା କରି ଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିବାକୁ ମତ ପୋଷଣ କରିଥିଲେ। ରାଜ୍ୟ ପରିଷଦ ସଭ୍ୟ ଅଭିମନ୍ୟୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପ୍ରଦାନ କରାଯାଇଥିଲା।

ଲିଟିଲ୍ ମିସ ଇଣ୍ଟରନେସନାଲ ଟାଇଟଲ ବିଜେତା ଇପ୍ରାତ

ବଙ୍ଗୋମୁଣ୍ଡା,୬।୧:(ମନ୍ଟୁନ)ବଲାଙ୍ଗୀର ଜିଲ୍ଲା ଲୋଇସିଂହା ସହର ସ୍ଥିତ ଜଡାମୁଣ୍ଡା ବାସିନ୍ଦା ଇପ୍ରାତ ଜୋଏଲ୍ ଲିଟିଲ୍ ମିସ ଗ୍ଲୋବାଲ ଇଣ୍ଟରନେସନାଲ ୨୦୨୫ ଟାଇଟଲ ବିଜେତା ହୋଇଛନ୍ତି । ଏହି ଅବସରରେ ଜନ୍ମମାଟି ଲୋଇସିଂହା/ଜଡ଼ାମୁଣ୍ଡା ଓ ଝାରମୁଣ୍ଡା ବେଥାନୀ କନଭେଣ୍ଟ ସ୍କୁଲ ରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମିଳିଛି । ସୂଚନା ଅନୁଯାୟୀ , ୨୦୨୫ ଡିସେମ୍ବର ଶେଷ ସପ୍ତାହରେ ମହାରାଷ୍ଟ୍ରର ସାଙ୍ଗଲି ସହର ରେ ଗ୍ଲୋବାଲ ମଡେଲ ଇଣ୍ଡିଆ। ତରଫରୁ ଲିଟିଲ୍ ମିସ ଇଣ୍ଡିଆ। ଜାତୀୟ ମଡେଲିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଇପ୍ରାତ ଜୋଏଲ (୯) ଅଂଶ ଗ୍ରହଣ କରିଥିଲେ। ଏଥିରେ ଆୟୋଜକ ଭାରତ ସହିତ ଅଷ୍ଟ୍ରେଲିଆ। , ଆମେରିକା, ଯୁକ୍ରେନ, ମାଲେସିଆ। , ଶ୍ରୀଲଙ୍କା ଓ ଆଲବେରିଆ। ଭଳି ବିଭିନ୍ନ ଦେଶରୁ ୧୨ ଜଣ ପ୍ରତିଯୋଗୀ ରହିଥିଲେ । ଇପ୍ରାତ

ଚମତ୍କାର ପ୍ରଦର୍ଶନ କରି ସବୁ ପ୍ରତିଯୋଗୀଙ୍କୁ ପଛରେ ପକାଇ ଥିଲେ । ଏହି ଅବସରରେ ତାଙ୍କୁ ସମ୍ମାନ ଜନକ ଲିଟିଲ୍ ମିସ ଗ୍ଲୋବାଲ ଇଣ୍ଟରନେସନାଲ୍ ଟାଇଟଲ ମିଳୁଥିଲା । ଯାହାକି ସାରା ଭାରତ ଦେଶ ପାଇଁ ଗୌରବ ଅ।ଣିଥିଲା । ଏନେଇ ଇପ୍ରାତ ଓ ତାଙ୍କ ଅବିଭାବକ ଲୋଇସିଂହା ରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସାଗତ ସମ୍ବର୍ଦ୍ଧନା ମିଳିଥିଲା । ଏହାସହ ଅ।ଜି ଇପ୍ରାତ ଅଧ୍ୟୟନ କରୁଥିବା ଝାରମୁଣ୍ଡା ବେଥାନୀ କନ୍ ଭେଣ୍ଟ ସ୍କୁଲ ପକ୍ଷରୁ ସ୍ଥାନୀୟ ବସ ଷ୍ଟାଣ୍ଡ ରୁ ଏକ ଶୋଭାଯାତ୍ରାରେ ସ୍କୁଲ ପରିସର କୁ ପାଛୋଟି ନେଇଛନ୍ତି । ସ୍କୁଲ ଅଧକ୍ଷା ସିଷ୍ଟର ମଞ୍ଜୁଳା ଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅ।ୟୋଜନ ହୋଇଛି । ଶିକ୍ଷକ/ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ଙ୍କ ଗହଣରେ ପୁଷ୍ପଗୁଚ୍ଛ, ଉପ ଢୌକନ ଓ ମେମେଣ୍ଟୋ ପ୍ରଦାନ କରି ସମ୍ବର୍ଦ୍ଧିତ ହୋଇଥିଲେ।ଏହି ଅବସରରେ ଇପ୍ରାତ ଟାଇଟଲ ବିଜେତା ସମୟ ର ମଡେଲିଂ କରି ସମସ୍ତ ଙ୍କୁ ଉତ୍ସାହିତ କରିଥିଲେ। ଇପ୍ରାତଙ୍କ ଏହି ସଫଳତା ପାଇଁ ନିଜ ଜନ୍ମ ମାଟି ଜଡ଼ାମୁଣ୍ଡା, ନିଜ ସହର ଲୋଇସିଂହା ଓ ନିଜ ବିଦ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି ।

ରାଷ୍ଟ୍ର ଗଠନରେ ଛାତ୍ର ଛାତ୍ରୀ ମାନଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ

ମାର୍ଶାଘାଇ, ୬।୧:(ମନ୍ଟୁନ)ପ୍ରତିବର୍ଷଭଳିଚଳିତ ବର୍ଷମାର୍ଶାଘାଇ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ପାଳିତ ହୋଇ ଯାଇଛି । ବାର୍ଷିକ ଉତ୍ସ ଉତ୍ସବ ୩୮ ବର୍ଷରେ ପଦାର୍ପଣ କରିଥିଲା ବେଳେ ଗତ ୫. ୧. ୨୬ ରିଖ ସୋମବାର ଦିନ ବାର୍ଷିକ ଉତ୍ସବ ମହା ଆଡମ୍ବର ରେ ପାଳିତ ହୋଇ ଯାଇଛି । ଉକ୍ତ ଉତ୍ସବ ରେ ମୁଖ୍ୟ ଅତିଥିଭାବେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ର ବିଧାୟକ ଡ଼. ଦୁର୍ଗା ପ୍ରସାଦ ନାୟକ ଯୋଗ ଦେଇ ରାଷ୍ଟ୍ର ଗଠନ ରେ ଛାତ୍ର ଛାତ୍ରୀ ମାନଙ୍କ ଭୂମିକା ଶେ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି କହିବାସହ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଯୋଉ ପରିକଳ୍ପନା କରିଛନ୍ତି ତାକୁ ସାକାର କରିବାକୁ ସମସ୍ତଙ୍କୁ ନିବେଦନ କରିକହିଥିଲେ । ପାଠ ପଢା ସହିତ ବର୍ତ୍ତମାନ ଶିକ୍ଷା ପିଲାମାନଙ୍କ ପାଖରେ ରହିବା ନିହାତି ଜରୁରୀ ବୋଲି ଅଭିଭାବକ ମାନଙ୍କୁ ଦୃଢୋକ୍ତିର ସହ କହିଥିଲେ । ପିଲା ମାନଙ୍କ ବୌଦ୍ଧିକ, ଶାରୀରିକ ଓ ମାନସିକ ବିକାଶ କ୍ଷେତ୍ରରେ ସରକାର ତତ୍ପର ଅଛନ୍ତି ବୋଲି କହିବାସହ ନବବର୍ଷରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବାସହ ପିଲାମାନଙ୍କ ର ଉତ୍ତୋରତ୍ତର କାମନା କରିଥିଲେ ।ସମ୍ମାନିତ ଅତିଥି ଭାବେ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା , ମଣ୍ଡଳ ଉନ୍ନୟନ ଅଧିକାରୀ ପଞ୍ଚାନନ ମଲ୍ଲିକ ପିଲାମାନଙ୍କୁ ପାଠ ପଢା ସହିତ ଆଧ୍ୟାତ୍ମିକ ମାର୍ଗରେ ନେବାକୁ ଅଭିଭାବକ ମାନଙ୍କୁ ନିବେଦନ କରି କହିଥିଲେ ଏବଂ ପରିବାର ଭିତରେ ସ୍ୱଚ୍ଛତା ରହିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ରାଜ୍ୟ ପୁରସ୍କାର ପ୍ରାପ୍ତ ସଂସ୍କୃତ ବିଦ୍ୱାନ ତଥା ଓଡିଶା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ସହ ସଂଯୋଗକ ଡକ୍ଟର ଗୌତମ ମହାରଣା ପିଲା ମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଭକ୍ତି ଭାବ ଜାଗ୍ରତ କରିବା ଅତ୍ୟନ୍ତ ଜରୁରୀ ବୋଲି କହିବାସହ ପଲିଥିନ, ପ୍ଲାଷ୍ଟିକ ବର୍ଜନ କରିବାକୁ ଦୃଢୋକ୍ତି ର ସହ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍କୁଲ ର ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ ଆଚାର୍ଯ୍ୟ ଓ ସମ୍ପାଦକ ନିଗମ ପ୍ରସାଦ ରଥ ସ୍କୁଲ ର ସମସ୍ୟାର ସମାଧାନ ପାଇଁ ବିଧାୟକ ଶ୍ରୀ ନାୟକ ଙ୍କ ଦୃଷ୍ଟି ଆକର୍ଷଣ କରିବାସହ ସମାଧାନ ପାଇଁନିବେଦନ କରିଥିଲେ । ବିଦ୍ୟାମନ୍ଦିର ର ସଭାପତି ଚନ୍ଦ୍ରମଣି ସାହୁ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲାବେଳେ ସମସ୍ତ ଗୁରୁଜୀ ଗୁରୁମା ମାନେ ସ୍ଥରୁ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ଶେଷରେ ଗରିବ ପିଲା ପ୍ରିୟରଞ୍ଜନ ଦାଶ ଙ୍କ ପାଇଁ ବିଧାୟକ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶୃତି ଦେଇଥିଲେ ଯୋଗ ଦେଇଥିବା ଦୁଇ ପ୍ରଶାସନିକ ଅଧିକାରୀ ଙ୍କୁ ବିଦ୍ୟାଳୟ କୁ ସ୍ଥାୟୀ ରାସ୍ତା ଏବଂ ଅନ୍ୟାନ୍ୟ ଅସୁବିଧା ର ସମାଧାନ କରିବାକୁ ବିଦ୍ୟାଳୟ ତରଫରୁ ନିବେଦନ କରାଯାଇଥିଲା ।

ଡିଜିଟାଲ ବ୍ୟାଙ୍କିଙ୍ଗ ଓ ସାଇବର ସୁରକ୍ଷା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ

ପାରାଦୀପ,୬।୧:(ମନ୍ଟୁନ)ପାରାଦୀପ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ଡିଜିଟାଲ ବ୍ୟାଙ୍କିଙ୍ଗ ଓ ସାଇବର ସୁରକ୍ଷା ଶୀର୍ଷକ ଏକ ଅ।ଲୋଚନା ଚକ୍ର ଗତ ଶନିବାର ଦିନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ ଅଫ ଇଣ୍ଡିଆ।, ଭୁବନେଶ୍ୱରର ମହା ପ୍ରବନ୍ଧକ ଶ୍ୟାମଳ କୁମାର ଦାସ ଏବଂ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ।, ଭୁବନେଶ୍ୱରର ଅ।ଞ୍ଚଳିକ ପ୍ରବନ୍ଧକ ପୀୟୂଷ ରଞ୍ଜନ ସ୍ୱାଇଁ ବକ୍ତା ଭାବେ ଯୋଗଦେଇ ବିଷୟ ବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଅ।ଲୋଚନା କରିଥିଲେ । ମହାବିଦ୍ୟାଳୟର ଅଧକ୍ଷା ଡଃ ସସ୍ମିତା ଶତପଥୀ ପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ଜଗମୋହନ ମିଶ୍ର ଅତିଥି ପରିଚୟ ଓ ବିଷୟ ବସ୍ତୁ ସମ୍ପର୍କରେ ଅ।ଲୋଚନା କରିଥିଲେ। ବିଭାଗର ଅଧ୍ୟାପିକା ମିସ୍ କବିତା ପଧାନ ଉଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଅ।ଲୋକପାତ କରିଥିଲେ । ଶେଷରେ ବିଭାଗର ଅଧ୍ୟାପକ ସୁଜିତ କୁମାର ଭୋଇ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

ପିଏମ ଶ୍ରୀ ଏନଏସି ସରକାରୀ ଉଚ୍ଚ ବିଦ୍ୟାଳୟ ପାରାଦୀପରେ ପିଏମ ଶ୍ରୀ ଉତ୍ସବ ପାଳିତ

ପାରାଦୀପ,୬।୧:(ମନ୍ଟୁନ)ପାରାଦୀପ ସ୍ଥିତ ପିଏମ ଶ୍ରୀ ଏନଏସି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ଜାନୁଆରୀ ୫, ୨୦୨୬ ତାରିଖ ସୋମବାର ଦିନ ଅ।ଡମ୍ବର ସହକାରେ ପିଏମ ଶ୍ରୀ ଉତ୍ସବ ଉତ୍ସାହ ଉଦ୍ଦୀପନା ସହ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ଅଟି ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ଉତ୍ସବରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ରାଜ୍ୟ ଶିକ୍ଷ ମନ୍ତ୍ରୀଙ୍କ ପ୍ରତ

ଆଞ୍ଚଳିକ ମନ୍ତ୍ରନ

ବୁଧବାର,୭,ଜାନୁଆରୀ,୨୦୨୬ Wednesday,7 January 2026, Bhubaneswar

ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ରିଫ୍ରେସର ଟ୍ରେନିଂ

ବଲାଙ୍ଗିର, ୬ ।୧ :(ମନ୍ଥନ)ଶିକ୍ଷା ବିଭାଗ ତରଫରୁ ସରକାରୀ ବାଳିକା ବିଦ୍ୟାଳୟରେ ରାଣି ଲକ୍ଷ୍ମୀବାଇ ଆ ।ତ୍ମରକ୍ଷା ରିଫ୍ରେସର ଟ୍ରେନିଂ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଏଡିଇଓ ସେବାଶ୍ରୀ ଭୋଇ, ସମ୍ମାନିତ ଅତିଥି ଏଡିଇଓ ରୀନା ବେହେରା, ସେଲ୍ଫ ଡିଫେନ୍ସ ଏକ୍ସପାର୍ଟ ଅସୀମ କୁମାର ଭୋଇ, ଜେଣ୍ଡର କୋଡିନେଟର ସମଗ୍ର ଶିକ୍ଷା ବଲାଙ୍ଗିର ସନ୍ତୋଷ ମହାରଣା, ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନୂତନ ନାୟକ ଯୋଗଦାନ ଦେଇଥିଲେ । ଆ ।ଜି ଦିନରେ

ସମାଜରେ ସମସ୍ତେ ଆ ।ତ୍ମରକ୍ଷା ପ୍ରଶିକ୍ଷଣ ନେଇ ନିଜ ସଙ୍ଗେ ଅନ୍ୟମାନଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ମୁଖ୍ୟ ଅତିଥି ଶ୍ରୀ ଭୋଇ କହିଥିବା ବେଳେ ନାରୀ ସମାଜକୁ ସୁରକ୍ଷା ଦେବା ଆ ।ମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଅସୀମ ଭୋଇ କହିଛନ୍ତି । ଏଡୀଇଓ ରୀନା ବେହେରା କହିଛନ୍ତି ଯେ ଆ ।ଜି ଦିନରେ ସମସ୍ତ ନାରୀ ରାଣୀ ଲକ୍ଷ୍ମୀ ବାଇ ସଦୃଶ୍ୟ ନେତୃତ୍ୱ ନେବା ଉଚିତ । ଏଥିରେ ଜିଲ୍ଲାର ସମସ୍ତ ବ୍ଲକରୁ ଆ ।ସିଥିବା ୧୧୩ ଜଣ ରିସୋର୍ସ ପାର୍ଶନକୁ ଜାତୀୟ କରାଟେ ପ୍ରଶିକ୍ଷକ ଅସୀମ ଭୋଇ ଆ ।ତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ମହାରଣା ପରିଚାଳନା କରିଥିବା ବେଳେ ପ୍ରିଣ୍ଟି ଚଂଚିତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ ।

ନୟାଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ନୟାଗଡ,୬ ।୧ :(ମନ୍ଥନ)ନୟାଗଡ଼ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହରେ ୨୦୨୬ ନୂଆ । ବର୍ଷର ପ୍ରଥମ ଓ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ମଧୁମିତା ରଥଙ୍କ ପ୍ରଥମ ଯୁଗ୍ମ ଜନ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲାପାଳ ମଧୁମିତା ରଥ, ଏସପି ଏସ. ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବିଜୟ କୁମାର ନାୟକ,ଅତିରିକ୍ତ

ଜିଲ୍ଲାପାଳ (ସାଧାରଣ) ରୋଜିନା ଦାସ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ,ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡ଼ଃ ଲାକ୍ରାଙ୍କ ଉପସ୍ଥିତ ଶୁଣାଣି ଶିବିରରେ ମୋଟ ୯୪ ଟି ଦରଖାସ୍ତ ଗ୍ରହଣ ହୋଇଥିଲା । ସେଥି ମଧ୍ୟରୁ ନିଜସ୍ୱ ୮୫ ଟି ଗ୍ରାମ୍ୟ ସମସ୍ୟା ୪ ଗୋଟି ଓ ମୁଖ୍ୟମନ୍ତ୍ରୀ ସହାୟତା ରାଶି ୫ ଟି ସେଥି ମଧ୍ୟରୁ ୧୪ ଟି ସମସ୍ୟା ତତ୍କାଳ ସମାଧାନ କରାଯାଇଥିଲା ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ବରିଷ୍ଠ ବିଜେପିଙ୍କ ନେତା ଙ୍କ ଦେହାନ୍ତ

କୁକୁଡ଼ାଖଣ୍ଡି,୬ ।୧ :(ମନ୍ଥନ)ବରିଷ୍ଠ ବିଜେପି ନେତା ତଥା ପୂର୍ବତନ କୁକୁଡ଼ାଖଣ୍ଡି ବ୍ଲକ ସଭାପତି ଓ ସାସଂଦ ପ୍ରତିନିଧି ଏସ. କୃଷ୍ଣମୂର୍ତ୍ତି(୯୦) ଙ୍କ ରବିବାର ସନ୍ଧ୍ୟା ୬ ଘଣ୍ଟ ସମୟରେ ଦେହାନ୍ତ ହୋଇ ଯାଇଛି । ସେ ଜଣେ ନିଷ୍ଠାପର ଓ ପରୋପକାରୀ ବ୍ୟକ୍ତି ଥିବାରୁ ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି । ତାଙ୍କର ଏହି ଶେଷକୃତ୍ୟ ରେ ବିସିସି ବ୍ୟାଙ୍କ ସଭାପତି ଶିବ ରାମ ପାତ୍ର, ଗଞ୍ଜାମ ଜିଲ୍ଲା ସମବାୟ ସଂଘ ସଭାପତି କୈଳାସ ରଣା, ଗଞ୍ଜାମ ଜିଲ୍ଲା ଦିବ୍ୟାଙ୍ଗ ସଂଘ ସଭାପତି କେ.ମଣିବାବୁ, ସମାଜ ସେବୀ ଜାଗିଲି କୋଠିଆ ।, ବିସିସି ବ୍ୟାଙ୍କ ନିର୍ଦେଶକ ଭବାନୀ ଶଙ୍କର ବିଶ୍ୱାଳ, ଇ ଦାଣ୍ଡା ପ୍ରକାଶ, ପୂର୍ବତନ ସରପଞ୍ଚ ରଞ୍ଜନ ପଟ୍ଟନାୟକ, ଅଦଲ ଚେନେୟା ଏବଂ ବହୁ ବିଜେପି କର୍ମୀ ଓ ଗଞ୍ଜାମ ଜିଲ୍ଲା ଦିବ୍ୟାଙ୍ଗ ସଂଘ, ଗଞ୍ଜାମ ଜିଲ୍ଲା ଗ୍ରାମାଞ୍ଚଳ ରିଟେଲର୍ସ ସଂଘ ପକ୍ଷରୁ ଶୋକ ପ୍ରକାଶ କରିଛନ୍ତି ।

ଉଦ୍ୟାନ କୃଷି ଯୋଜନା ସମ୍ପର୍କୀତ ପ୍ରଶିକ୍ଷଣ କର୍ମଶାଳା

ବଲାଙ୍ଗୀର,୬ ।୧ :(ମନ୍ଥନ)ବଲାଙ୍ଗୀର ଜିଲ୍ଲା ନଅଗାଁ (ଖ)ପଲ୍ଲୀ ଆ ।ଲୋକ ପାଠାଗାର ଠାରେ ଉଦ୍ୟାନ କୃଷି ଉପ ନିର୍ଦେଶକ, ବଲାଙ୍ଗୀର ତରଫରୁ ଉଦ୍ୟାନ କୃଷି ଯୋଜନା ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିମନ୍ତ୍ରିତ ଅତିଥି ଭାବେ ପଲ୍ଲୀ ଆ ।ଲୋକ ପାଠାଗାରର ସମ୍ପାଦକ ପ୍ରଶାନ୍ତ ନାୟକ, ସରପଞ୍ଚ ବୃନ୍ଦାବନ ସେଠ, ସମିତି ସଭ୍ୟ ଦେବଦତ୍ତ ଦଣ୍ଡସେନା, ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଶ୍ରାବଣୀ ମହାପାତ୍ର,

ପ୍ରାଣୀ ସମ୍ପଦ ଅଧିକାରୀ ସତ୍ୟବ୍ରତ ଦାଶ ପ୍ରମୁଖ ଯୋଗ ଦେଇଥିଲେ ୟ ପଲ୍ଲୀ ଆ ।ଲୋକ ପାଠାଗାରର ଗୋବିନ୍ଦ ଚନ୍ଦ୍ର ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ୟ ଉଦ୍ୟାନ କୃଷି ଓ ପ୍ରାଣୀ ସମ୍ପଦର ବ୍ୟବସ୍ଥାରେ ଉପଲବ୍ଧ ହେଉଥିବା ବିଭିନ୍ନ ଯୋଜନା ଯଥା ଗୋ ପାଳନ, ଛେଳିଝଷ, ଆ ।ଳୁଝଷ, ଛତୁଝଷ, ଗେଣ୍ଡୁଫୁଲ ଝଷ ତଥା ଆ ।ୟ, କଦଳୀ ପ୍ରଭୃତି ଫଳଝଷରେ ମିଳୁଥିବା ସବସିଡି ଉପରେ ଅତିଥି ଗଣ ଆ ।ଲୋକପାତ କରିଥିଲେ । ଏହି କର୍ମଶାଳାରେ ଆ ।ଖପାଖ ଗ୍ରାମାଞ୍ଚଳରୁ ଝଷୀମାନେ ଅଂଶଗ୍ରହଣ କରିଥିଲେ । ନରେନ୍ଦ୍ର ପଧାନ, ରାଜେଶ ପଧାନ, ପ୍ରହଲ୍ଲାଦ ପଧାନ, ସୁଶାନ୍ତ ସା, ରମେଶ ପଧାନ, ଅଚ୍ୟୁତ କୁୟାର, ସତ୍ୟ ରଞ୍ଜନ ମହାଲିଙ୍ଗ,ସତ୍ୟ ବେହେରା, ପ୍ରଶାନ୍ତ କୁଅଁର, ଆ ।ଶିଷ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ରାଜ୍ୟସ୍ତରୀୟ ଶାରଳା କପ କ୍ରିକେଟ ରେ ଚଳିତ ବର୍ଷ ହେବ ଟଙ୍କାର ବର୍ଷା

୬ ।୧ :(ମନ୍ଥନ)ଅସ୍ତରଙ୍ଗ ଚଳିତ ବର୍ଷ ଅସ୍ତରଙ୍ଗ ରେ ହେବାକୁ ଥିବା ୩୩ ତମ ରାଜ୍ୟସ୍ତରୀୟ ଶାରଳା କପ କ୍ରିକେଟ ମ୍ୟାଚ ପାଇଁ ପ୍ରସ୍ତୁତି ଦ୍ରୁତଗତିରେ ଆ ।ଗେଇ ଚଲିଛି । ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଏହି କ୍ରିକେଟ ମ୍ୟାଚ କୁ ରାଜ୍ୟର ଏକ ସ୍ୱତନ୍ତ୍ର ଧରଣର କ୍ରିକେଟ ମ୍ୟାଚ ଆ ।ୟୋଜନ କରିବା ପାଇଁ ଶାରଳା ସ୍ପୋର୍ଟିଂ କ୍ଲବ ପକ୍ଷରୁ ସମସ୍ତ କାର୍ଜ ହାତକୁ ନିଆ ।ଯାଇଛି । ଚଳିତ ବର୍ଷ କ୍ରିକେଟ ପ୍ରେମୀ ଏବଂ କ୍ରିକେଟ ଖେଳାଳି ଙ୍କୁ ଆ ।କୃଷ୍ଟ କରିବା ପାଇଁ ଏଠାରେ ଟଙ୍କାର ବର୍ଷା କରାଯିବା ପାଇଁ ସମସ୍ତ ବେବସ୍ଥା କରାଯାଇଛି । ଏହି ରାଜ୍ୟସ୍ତରୀୟ କ୍ରିକେଟ ମ୍ୟାଚ ରେ ମୋଟ ଆ ।୦ଟି ଦଳ ମ୍ୟାଚ ଖେଳିବେ ,କ୍ୱାଟର ଖେଳୁଥିବା ଦଳ ମଧ୍ୟରେ ମ୍ୟାଚ ରେ ରନର୍ସ ହେଉଥିବା କ୍ରିକେଟ ଦଳ କୁ ୫୦୦୦ ଟଙ୍କା ପ୍ରଦାନ କରାଯିବା ସହିତ ସେମି ଖେଳୁଥିବା ରନର୍ସ ଦଳ କୁ ୧୦,୦୦୦ ଟଙ୍କା ର ଆ ।ର୍ଥିକ ରାଶି ପ୍ରଦାନ କରାଯିବାର ବେବସ୍ଥା ରହିଛି । ଏହି ଆ ।ର୍ଥିକ ରାଶି କୁ ଶାରଳା ସ୍ପୋର୍ଟିଂ କ୍ଲବ ର ଫାଉଣ୍ଡର ନଟ କିଶୋର ମହାନ୍ତି ପ୍ରଦାନ କରିବେ ସେହିଭଳି ଭାବରେ ଫାଇନାଲ ମ୍ୟାଚ ରେ ବିଜୟୀ ଦଳ କୁ ଅନୁଷ୍ଠାନ ପକ୍ଷରୁ ୩୫,୦୦୧ ଟଙ୍କା ପ୍ରଦାନ କରାଯିବା ସହିତ ରନର୍ସ ହୋଇଥିବା ଦଳକୁ ୨୫,୦୦୧ ଟଙ୍କା ପ୍ରଦାନ କରାଯିବାର ଆ ।ର୍ଥିକ ବେବସ୍ଥା ରହିଛି । ସେହିପରି ପ୍ରତେକଦିନ ଖେଳର ମ୍ୟାନ ଅଫ ଦି ମ୍ୟାଚ ପାଇଁ ୨୦୦୦ ଟଙ୍କା ପ୍ରଦାନ କରାଯିବା ସହିତ ପ୍ରତି ଏକ ରନ କୁ ୧୦ ଟଙ୍କା ,ପ୍ରତି ଦୁଇ ରନ କୁ ୨୦ ଟଙ୍କା ,ପ୍ରତି ତିନି ରନ କୁ ୩୦ ଟଙ୍କା ,ପ୍ରତି ୪ ରନ କୁ ୫୦ ଟଙ୍କା ଏବଂ ପ୍ରତି ଛକା କୁ ୨୦୦ ଟଙ୍କା ରହିଥିବା ବେଳେ ପ୍ରତି ୱିକେଟ କୁ ୫୦ ଟଙ୍କା ରହିଛି ମ୍ୟାଚ ରେ ଯଦି କୌଣସି ବ୍ୟାଟଷ୍ମାନ ଏକ ଶତ ରନ କରନ୍ତି ସେହି ବ୍ୟାଟଷ୍ମାନ ଙ୍କୁ ମା ମଙ୍ଗଳା ଗୋଖାଦ୍ୟ ଭଣ୍ଡାର ପକ୍ଷରୁ ତାଙ୍କୁ ଗୋଟିଏ ଏଲଇଡ଼ି ଟିଭି ପ୍ରଦାନ କରାଯିବା ପାଇଁ ଏହି ବେବସାୟ ପ୍ରତିଷ୍ଠାନ ର ମାଲିକ ସୁଦୀପ୍ତ ରାଉତ ଘୋଷଣା କରିଛନ୍ତି ଏହାସହିତ ଶାରଳା ସ୍ପୋର୍ଟିଂ ପକ୍ଷରୁ ଆ ।ୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଏହି ଶାରଳା କପ ରେ ସମସ୍ତ ମ୍ୟାଚ T-20 ଫର୍ମାଟ ରେ ଖେଳା ଜୀବ ଏହି କ୍ରିକେଟ ପଡିଆ ।ରେ ଦର୍ଶକ ଙ୍କ ମନୋରଂଜନ ପାଇଁ ଡାନ୍ସ ଅପ୍ସେୟାର ସହିତ ଚିଅର ଗର୍ଲ ର ବେବସ୍ଥା ରହିଛି । ଚଳିତ ବର୍ଷ ଏହି ମ୍ୟାଚ ରେ ଏଲଇଡ଼ି ସ୍କ୍ରିନ ରେ ଥାର୍ଡ ଅମ୍ପେୟାର ର ସୁବିଧା ଉପଲବ୍ଧ ହେବାର ବେବସ୍ଥା ରହିବ ।ଏହି ରାଜ୍ୟସ୍ତରୀୟ ଶାରଳା କପ କ୍ରିକେଟ ଆ ।ୟୋଜନ କରୁଥିବା ଶାରଳା ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆ ।ଜି ଏକ ପ୍ରେସ ମିଟ ଡକାଯାଇ କ୍ଲବ ର ସଭାପତି ଯୁଗଳ କିଶୋର ମହାନ୍ତି ଏହି ସୂଚନା ଦେଇଛନ୍ତି । ଆ ।ଜିର ପ୍ରେସ ମିଟ ରେ ଅନ୍ୟ ମାନଙ୍କ ସହିତ ଉପ ସଭାପତି ପ୍ରକାଶ ଚନ୍ଦ୍ର ବେହେରା ,ସମ୍ପାଦକ ସନ୍ତୋଷ କୁମାର କାଣ୍ଡି ,ସହସମ୍ପାଦକ ମନୋଜ ଛାଟୋଇ ,କୋଷାଧ୍ୟକ୍ଷ ଦ୍ରୁପଦ କୁମାର ଭୋଳ ,ଉପଦେଷ୍ଟା ହୃଷୀକେଶ ଛାଟୋଇ ,ମିଡିଆ ।ସେଲ ସମ୍ପାଦକ ପ୍ରକାଶ ନାୟକ ,ସଂଯୋଜକ ଦୁର୍ଗାଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ରାସ୍ତା ଉପରେ ବାଲି ନେଲା ଦୁଇ ଜୀବନ

ବସ୍ ଧକ୍କାରେ ଦୁଇ ମହିଳାଙ୍କ ମୃତ୍ୟୁ

ପିପିଲି,୬ ।୧ :(ମନ୍ଥନ) ଭୁବନେଶ୍ୱର ପୁରୀ ଜାତୀୟ ରାଜପଥର ପିପିଲି ଥାନା ଅନ୍ତର୍ଗତ ମଙ୍ଗଳପୁର ଛକ ଜମାଲପୁର ଠାରେ ବସ ଧକ୍କାରେ ଦୁଇ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଭୁବନେଶ୍ୱର ନିଉଜ ୭ ସାୟାଦିକା ଶିଲା ପଟ୍ଟନାୟକ(୪୦) ଘର କଳିଙ୍ଗ ନଗର ଓ ସିପିକା ନାୟକ (୩୬) ଘର ଘାଟିକିଆ ଖଣ୍ଡଗିରି ବୋଲି ପୋଲିସ ଠାରୁ ପରିଚୟ ମିଳିଛି । ତେବେ ମିଳିଥିବା ସୁଚନା ମୁତାବକ ଦୁଇଜଣ ଯାକ ଭୁବନେଶ୍ୱର ରୁ ଏକ ସ୍କୁଟି ଗାଡି ଯୋଗେ ପୁରୀ ଅଭିମୁଖେ ଯାଉଥିଲେ । ଜମାଲପୁର ସିଡି ଜାତୀୟ ରାଜପଥ ଉପରେ ଆନୁମାନିକ ପ୍ରାୟ ଏକ ଟ୍ରାକ୍ଟର ହେବ ବାଲି ଜାତୀୟ ରାଜପଥ ଉପରେ ଖେଳାଇ ହୋଇ ପଡିଥିଲା । ସେହି ବାଲି ଗଦା ନିକଟରେ ପଛପଟୁ ଆସୁଥିବା ସାରଳା ନାମକ ଘରୋଇ ବସ ଯାହାର ନୟର (ଓଡି୦ ୨ଡିବି ୮୧୯୯) ସ୍କୁଟି ଗାଡି ଉପରେ ମାଡି ଯାଇଥିଲା । ଯାହା ଫଳରେ ଜଣକର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣକର ମଙ୍ଗଳପୁର ମେଡିକାଲରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଏହି ଦୁର୍ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ଲାଗି ରହିଥିଲା ।ଖବର ପାଇ ଘଟଣାସ୍ଥଳରେ ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଓ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ , ଥାନା ଏସ୍ଆଇ

ସୁରମା ସ୍ୱାଇଁ , ନାରାୟଣ ବେହେରା ଓ ସାତଶଂଖ ଫାଣ୍ଡି ଅଧିକାରୀ ମନୋରଂଜନ ପରିଡା ପ୍ରମୁଖ ପହଂଚି ଟ୍ରାଫିକ୍ ବ୍ୟବସ୍ଥାକୁ ସୁଧାରି ଶୋଭାବିକ କରିଥିଲେ । ପିପିଲି ପୋଲିସ ମଙ୍ଗଳପୁର ମେଡିକାଲରେ ଦୁଇ ମହିଳାଙ୍କ ମୃତ ଶରୀରକୁ ଜବତ କରିଛି । ଦୁର୍ଘଟଣା ଘଟାଇଥିବା ବସ ଡ୍ରାଇଭର ସାକ୍ଷୀଗୋପାଳ ଥାନାରେ ଅଟକ ରହିଥିବା ସହ ବସକୁ ଜବତ କରାଯାଇଛି । ମୃତ ସିପିକା ନାୟକଙ୍କ ସ୍ୱାମୀ ପ୍ରଦୀପ୍ତ ରାଉତ ଙ୍କ ଲିଖିତ ଅଭିଯୋଗକ୍ରମେ ପିପିଲି ଥାନାରେ ଏନେଇ୧୫/୨୬ରେ ଏକ ମାମଲା ରୁଜୁ କରାଯାଇ ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଶ୍ରୀତ୍ରିପାଠୀ ସୁଚନା ଦେଇଛନ୍ତି ।

ଚାଷୀଙ୍କ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁର,୬ ।୧ :(ମନ୍ଥନ)ଧାନ ଚାଷୀଙ୍କ ସମସ୍ୟା ନେଇ ମିଳିତ ଜନ ଅଭିଯୋଗ ଶୁଣାଣିରେ ବିଜେପି ନେତା ପୁଲିନ ପ୍ରକାଶ ପୁହାଣ ଜିଲାପାଳଙ୍କୁ ଭେଟିବା ସହ ଚାଷୀଙ୍କ ଦାବିପତ୍ର ପ୍ରଦାନ କରିଥିଲେ । ଦୀର୍ଘ ଦିନ ହେବ ଚାଷୀ ଧାନ ଅମଳ କରିଥିଲେ ମଧ୍ୟ ମଣ୍ଡି ଖୋଲା ହୋଇନଥିବାରୁ ଚାଷୀ ଧାନ ମଣ୍ଡିରେ ଦେଇ ପାରୁନାହାଁନ୍ତି । ଦଶରଥପୁର ବ୍ଲକ ଓ ଯାଜପୁର ବ୍ଲକର ଶତାଧିକ ଚାଷୀ ଏ ନେଇ ବିଜେପି ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତଦନୁଯାୟୀ ଚାଷୀଙ୍କ ସହିତ ବିଜେପି ନେତା ପୁଲିନ ପ୍ରକାଶ ପୁହାଣ ଜିଲାପାଳଙ୍କୁ ଭେଟିବା ସହ ତୁରନ୍ତ ମଣ୍ଡି ଖୋଲିବାକୁ ନିବେଦନ କରିବା ସହ ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କ ରେ ଜିଲାପାଳଙ୍କୁ ଅବଗତ କରିଥିଲେ । ଖୁବଶୀଘ୍ର ମଣ୍ଡି ଖୋଲାଯିବ ଓ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ ।

ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ଚାମ୍ପିୟନ

ଯାଜପୁର,୬ ।୧ :(ମନ୍ଥନ)ଜିଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ୍ର ମିଳିତ ଉଦ୍ୟମରେ କୁସୁମା ନିକଟସ୍ଥ ଷ୍ଟାଡ଼ିୟମରେ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧାକୁ ୫ ୱିକେଟ୍ରେ ହରାଇ ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ଚମ୍ପିୟାନ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀ ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ, ଜିଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହ-ସମ୍ପାଦକ ବଟକୃଷ୍ଣ ମହାପାତ୍ର, ଉପ- ସଭାପତି ଅଭୟ ବଲ୍ଲଭ ପଣ୍ଡା ଯୋଗ ଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏମ୍.ଜେ.ଏସ୍. ଆର ପ୍ରସାଦ ପୁରସ୍କୃତ ହୋଇଥିବା ବେଳେ ମ୍ୟାନ୍ ଅଫ୍ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ବସଓ୍ୱନ ପୁରସ୍କୃତ ହୋଇଥିଲେ ।

ବିଭାଜନ ସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳିତ

୬ ।୧ :(ମନ୍ଥନ)ବଲାଙ୍ଗୀର ଉଠା ଜଳ ସେଚନ ବିଭାଗ ପକ୍ଷରୁ ପାଣି ପଂଚାୟତ ପକ୍ଷ ପାଳନ ହୋଇଯାଇଛି । ଉଠା ଜଳ ସେଚନ ବିଭାଗ ଆ ।ନୁକୂଲ୍ୟରେ ରେ ସ୍ଥାନୀୟ ଶାନ୍ତି ପଡ଼ା କଲ୍ୟାଣ ମଣ୍ଡପ ରେ ଆ ।ୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଦେବକୀ ସାହୁ ଯୋଗ ଦେଇ ପାଣି ପଞ୍ଚାୟତ ଗଠନ ର ମୂଳଲକ୍ଷ୍ୟ ଝଷୀଙ୍କ ହିତ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରକାଶ କରିଥିଲେ । ସମ୍ମାନନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ମୋହନ ବେହେରା ଯୋଗ ଦେଇ ବିଭିନ୍ନ ବିଭାଗ ଦ୍ୱାରା ଲାଗିଥିବା ଷ୍ଟଲ ଗୁଡ଼ିକ ବୁଲି ଦେଖିଥିଲେ । ଉଠାଜଳ ସେଚନ ବିଭାଜନ ର ନିର୍ବାହୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦଳାଇ ପାଣି ପଂଚାୟତ ସଭା କୁ ପରିଚଳନା କରିବା ସହିତ ବିବରଣୀ ପାଠ କରିଥିଲେ । ପାଣି ପଞ୍ଚାୟତ ର ଉଦ୍ଦେଶ୍ୟ ବଣ୍ଟନା କରିବା ସହ ଉପଯୁକ୍ତ ଜଳ ପରିଚାଳନା ପାଇଁ ଉପସ୍ଥିତ ଝଷୀ ଙ୍କୁ ଶପଥ ପାଠ କରାଇଥିଲେ । ଏଥିରେ ୨୦୦ ରୁ ଉର୍ଦ୍ଧ ପାଣି ପଞ୍ଚାୟତ ର ସଭ୍ୟ ସଭ୍ୟା ଯୋଗ ଦେଇଥିଲେ । ସଭା କାର୍ଯ୍ୟ ପରେ ପାଣିପାଞ୍ଚାୟତ ସମ୍ପର୍କୀୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ହୋଇ ଥିବା ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନେ ପୁରସ୍କୃତ ସହିତ ଟ୍ରଫି ପ୍ରଦାନ କରିଥିଲେ । ମଞ୍ଚ ରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ, ଉଦ୍ୟାନ କୃଷି, କୃଷି ବିଭାଗ, ଟାଟା ପାୱାର , ଜଳ ଛାୟା ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ । ମଞ୍ଚୟକ୍ଷିନ ବିଭାଗ ର ଅଧିକାରୀ ମାନେ ନିଜ ନିଜ ବିଭାଗ ବିଷୟ ରେ ଆ ।ଲୋକପାତ କରିଥିଲେ । କିରଣ ବାଲା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବଲାଙ୍ଗିର ଉଠା ଜଳସେଚନ ବିଭାଗ ର ସମସ୍ତ ଯନ୍ତ୍ରୀ, ଅଧିକାରୀ, କର୍ମଝରୀ ସହଯୋଗ କରିଥିଲେ ।

ରାଳବଗଡ ସ୍ଥିତ ମା ବାଉରୀଠାକୁରାଣୀଙ୍କ ପୀଠରେ ବିଶ୍ୱଶାନ୍ତି ଗୀତ ମହାଯଜ୍ଞ

ନୂଆଗାଁ,୬ ।୧ :(ମନ୍ଥନ)ନୟାଗଡ଼ ଜିଲ୍ଲା ନୂଆ ।ଗାଁ ବ୍ଲକ ର ସାଙ୍ଗାରପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ନୂଆ ।ଗାଁ ଗ୍ରାମ ର ପୂର୍ବପାର୍ଶ୍ୱରେ ଶୁଲିଆ। ପାହାଡ ପାଦଦେଶରେ ରଳବଗଡ଼ ଠାରେ ବିରାଜିତ ନୟାଗଡ଼ ରାଜପରିବାରର ଇଷ୍ଟ ଦେବୀ ମା ବାଉରୀ ଠାକୁରାଣୀ ଙ୍କ ପୀଠରେ ବି

ସମ୍ପାଦକୀୟ

ମୋବାଇଲ୍ ନିଶା

ମୋବାଇଲ ଆଁରେ ପୁରାପୁରି ଶୈଶବ, ଆଈ ମାଆଙ୍କ କାହାଣୀ, ଖେଳକୁଦ, ଗୀତନାଚ ଆଉ ଜେଜ ଜେଜେମାଙ୍କ ସହ ବାହାର ବଜାର ବୁଲା କେବଳ ଆଜି ବହି ଭିତରେ ହିଁ ରହିଯାଇଛି। ପିଲାମାନଙ୍କ ବାସ୍ତବ ଜୀବନର ଏହି ଚିତ୍ର ସବୁ ବଦଳି ଯାଇଛି ମୋବାଇଲ ଫୋନକୁ। ବିଶେଷକରି କୋଭିଡ୍ ମହାମାରୀ ପରଠାରୁ ପିଲାମାନଙ୍କ ପାଠପଢ଼ାରେ ଅନଲାଇନ ବ୍ୟବସ୍ଥା ଯୋଡ଼ି ହୋଇଯିବାରୁ ବର୍ତ୍ତମାନ ପରିସ୍ଥିତି ଏପରି ପହଞ୍ଚିଛି ଯେ ଅଭିଭାବକମାନେ ଚାହିଁଲେ ମଧ୍ୟ ପିଲାମାନଙ୍କ ମୋବାଇଲ ଠାରୁ ଦୂରେଇ ପାରୁନାହାଁନ୍ତି। ଦେଶର ଭବିଷ୍ୟତ ଏବେ ଏକ ଅଜବ ନିଶାରେ ପଡ଼ି ସାରିଛନ୍ତି। ଏହି ନିଶାଟି ହେଉଛି ସୋସିଆଲ ମିଡ଼ିଆ। ଏହା ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଇ ଚାଲିଛି। ଏକାଗ୍ରତା ହ୍ରାସ ସହ ଚିନ୍ତା ଓ ଅବସାଦ ବୃଦ୍ଧି ପାଉଛି, ପିଲାଙ୍କୁ କରୁଛି ଅଧିକ ହିଂସ୍ର। ନିକଟରେଏକ ସର୍ଭେରେ ଯଉଁ ତଥ୍ୟ ଆସିଛି ତାହା ଚିନ୍ତା ସୃଷ୍ଟି କରେ। ସର୍ଭେରେ ସାମିଲ ଥିବା ୬୦% ବାପା-ମାଆ ସ୍ୱୀକାର କରିଛନ୍ତି ଯେ, ପିଲା କ୍ରୋଧି ହେଉଛି, ଅଧର୍ଯ୍ୟ ହେବା ସହ ମାନ୍ଦାବସ୍ଥାର ଶିକାର ହେଉଛି। ଦୀର୍ଘ ସମୟ ମୋବାଇଲ, ଟାବଲେଟ ଏବଂ କମ୍ପ୍ୟୁଟରରେ ସମୟ କାଟିବା ଦ୍ୱାରା ସେମାନେ ଏକରକମ ଧ୍ୟାନ ଭ୍ରଷ୍ଟ ହେଉଛନ୍ତି, ବାହାର ଦୁନିଆରୁ ଅଲଗା ହୋଇଯାଉଛନ୍ତି। ଏହି କ୍ରମରେ ଗତ ଶୁକ୍ରବାର ମାଦ୍ରାସ ହାଇକୋର୍ଟଙ୍କ ପରାମର୍ଶ ଏବଂ ଉତ୍ତରପ୍ରଦେଶ ସରକାରଙ୍କ ଏକ ନିଷ୍ପତ୍ତି ବେଶ ମହତ୍ୱ ରଖେ।

ମାଦ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ ଖଣ୍ଡପୀଠ ନାବାଳକଙ୍କୁ ଅନଲାଇନରେ ସହଜରେ ଅଶ୍ଳିଳ କଣ୍ଟେଣ୍ଟ ମିଳୁଥିବା ନେଇ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ କହିଥିଲେ ଯେ, ଅଷ୍ଟ୍ରେଲିଆ ଭଳି ଭାରତରେ ମଧ୍ୟ ୧୬ ବର୍ଷରୁ କମ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡ଼ିଆ ଉପରେ ରୋକ ଲଗାଇବା ଜରୁରୀ। କେନ୍ଦ୍ର ସରକାର ଏହାକୁ ଆଦୌ ହାଲୁକାରେ ନିଅନ୍ତୁ ନାହିଁ। ଏଥିସହ ଇଣ୍ଟରନେଟ ସର୍ଭିସ ପ୍ରେଭାଇଡରଙ୍କ ପାଇଁ କଡ଼ା ନିୟମ ଲାଗୁ କଥା ମଧ୍ୟ କୋର୍ଟ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୯ ତାରିଖରେ ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆରେ ୧୬ ବର୍ଷରୁ କମ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଆକାଉଣ୍ଟ ବନାଇବା ବ୍ୟାନ କରାଯାଇଛି। ଅନ୍ୟପଟେ ନିକଟରେ ଉତ୍ତରପ୍ରଦେଶ ସରକାର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଛନ୍ତି। ଏହି ପଦକ୍ଷେପଟି ହେଉଛି ସ୍କୁଲରେ ଖବରକାଗଜ ପଢ଼ିବା ବାଧତାମୂଳକ। ଏହା ସତ ଯେ, ପାଠ ପଢ଼ିବା ଦ୍ୱାରା ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବଢ଼ିଥାଏ। ହେଲେ ବର୍ତ୍ତମାନ ପିଲାମାନେ ଆଙ୍ଗୁଠିରେ ବହି ଓଲଟାଇବା ଅପେକ୍ଷା ମୋବାଇଲ ଫୋନ ଏବଂ ଲାପଟପରେ ଆଙ୍ଗୁଠି ଚଳାଉଛନ୍ତି।

ସୋସିଆଲ ମିଡ଼ିଆ ଏବେ ସମସ୍ତଙ୍କୁ ଗ୍ରାସ କରିଛି। ଘରେ ଚାରି ଜଣ ଥିଲେ ମଧ୍ୟ କେହି କାହା ସଙ୍ଗେ ଖାଲି ସମୟରେ କଥା ନହୋଇ ନିଜ ନିଜ ମୋବାଇଲରେ ବ୍ୟସ୍ତ ରହୁଛନ୍ତି। ପାରିବାରିକ ଅଶାନ୍ତି, ବିବାଦର ମୂଳମଞ୍ଜି ପାଲଟିଛି ସୋସିଆଲ ମିଡ଼ିଆ। ପିଲାଟିଏ ଜନ୍ମ ହେବା ପରେ ବାପା-ମାଆ ପିଲାଟି ଖାଉନାହିଁ କହି ହାତରେ ଧରାଇ ଦେଉଛନ୍ତି ମୋବାଇଲ। ବର୍ଷେ ଦେଢ଼ବର୍ଷରୁ ମୋବାଇଲ ଧରି ଖାଇବାର ଅଭ୍ୟାସରେ ପଡ଼ିଥିବା ପିଲା ଧିରେ ଧିରେ ଏହି ନିଶାରେ ପଡ଼ି ଯାଉଛନ୍ତି। ଚିନ୍ତା କଲା ବେଳକୁ ସେ ଅବିଭାବକଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଏହା ପିଲାର ବୌଦ୍ଧିକ ଶକ୍ତିକୁ ପ୍ରଭାବିତ କରୁଛି। ଚିନ୍ତାର କାରଣ ହେଉଛି ଧିରେ ଧିରେ ପିଲାଟି ଅଶ୍ଳିଳ, ହିଂସକ କଣ୍ଟେଣ୍ଟ ଅଭ୍ୟାସରେ ପଡୁଛି। ଏହାକୁ ରୋକିବା ପାଇଁ ମାଦ୍ରାସ ହାଇକୋର୍ଟଙ୍କ ପରାମର୍ଶ ସ୍ୱାଗତଯୋଗ୍ୟ। ଭାରତରେ ସୋସିଆଲ ମିଡ଼ିଆ ଉପରେ ନିୟନ୍ତ୍ରଣ ପାଇଁ କୌଣସି ଆଇନ ନାହିଁ। ବାପା-ମାଆମାନେ ମଧ୍ୟ କିପରି ପିଲାକୁ ଏହି ନିଶାରୁ ଦୂରେଇ ରଖିବେ ସେ ସମ୍ପର୍କରେ ସଚେତନ ନୁହନ୍ତି। ଅନେକ କ୍ଷେତ୍ରରେ ବାପା-ମାଆଙ୍କ କ୍ରୋଧ ପିଲାକୁ ଭୁଲ ନିଷ୍ପତ୍ତି ନେବାକୁ ବାଧ କରୁଛନ୍ତି। ଧିରେ ଧିରେ ଏହି ସଂଖ୍ୟା ବଢୁଥିବାରୁ ଏହା ଦେଶର ସାମାଜିକବିକାଶରେ ପ୍ରତିବନ୍ଧକ ସୃଷ୍ଟିର ସମ୍ଭାବନା ଆଣିସାରିଛି।

ତେଣୁ ସରକାର ଏହା ଉପରେ ଏକ ନୂଆ ଆଇନ ଆଣିବାର ଆବଶ୍ୟକତା ଦେଖାଦେଲାଣି। ସେହିପରି ସଚେତନତା ମାଧ୍ୟମରେ ସୁରକ୍ଷିତ ଇଣ୍ଟରନେଟ ବ୍ୟବହାର ସମ୍ପର୍କିତ ସଚେତନତା, ସ୍କୁଲରେ ପିଲାଙ୍କୁ ଏହି ନିଶାରୁ ଦୂରେଇ ରହିବା ପାଇଁ ପରାମର୍ଶ ଜରୁରୀ ହୋଇପଡ଼ିଛି। ସର୍ଭିସ ପ୍ରୋଭାଇଡରଙ୍କୁ ମଧ୍ୟ କିପରି ବାପା-ମାଆ ନିଜ ପିଲାର ଅନଲାଇନ ଆକ୍ଟିଭିଟିକୁ ଫିଲ୍ଟର ଓ କଣ୍ଟ୍ରୋଲ କରିପାରିବେ ସେଥିପାଇଁ ପ୍ୟାରେଣ୍ଟାଲ ୱିଣ୍ଡୋ ସର୍ଭିସ ଦେବା ପାଇଁ ନିର୍ଦ୍ଦେଶ ଦେବା ଦରକାର। ଏଭଳି ଘଟଣାରେ ପିଲାଙ୍କର ଯେତିକି ଭୁଲ ନାହିଁ ତା ଠାରୁ ଅଧିକ ଭୁଲ ହେଉଛି ଅବିଭାବକଭକର। ଛୋଟବେଳୁ ପିଲାକୁ ଅବୁଝା ନ ହେବା ପାଇଁ ସେମାନେ ଯେଉଁ ଅଫିମରୂପକ ମୋବାଇଲର ନିଶା ଧରାଇଥିଲେ ତାହା ଏବେ ତାଙ୍କ ପାଇଁ ବିପଦ ପାଲଟିଛି। ତେଣୁ ପ୍ରଥମେ ଘରୁ ହିଁ ସଚେତନତାର ଉଦ୍ୟମ ଆରମ୍ଭ ହେବା ଦରକାର। ସରକାର ମଧ୍ୟ ଏହି ଘଟଣାକୁ ଗୁରୁତର ସହ ନେଇ ପିଲାଙ୍କ ପାଇଁ କିପରି ସୋସିଆଲ ମିଡ଼ିଆ ବ୍ୟାନ ହେବ ସେ ଦିଗରେ ପଦକ୍ଷେପନେବା ଉଚିତ। ଅଭିଭାବକମାନେ ପିଲାମାନଙ୍କୁ ମୋବାଇଲ ଦେଇ ଆର୍ଥିକ କ୍ଷତି ମଧ୍ୟ ସହୁଛନ୍ତି। କେହି କେହି ହୁଏତ କହିପାରନ୍ତି ଆଜିକା ସମୟରେ ଆମେ ଟେକ୍ନୋଲୋଜି ଠାରୁ ନିଜକୁ ଦୂରେଇ ପାରିବା ନାହିଁ କିନ୍ତୁ ବାପା-ମାଆ ମାନେ ପିଲାମାନଙ୍କୁ ଦୀର୍ଘ ସମୟ ମୋବାଇଲ ଧରେଇ ଦେଇ ଏହାର ତଦାରଖ ନ କରୁଥିବାରୁ ପିଲାମାନଙ୍କର ବଦ୍ ଅଭ୍ୟାସ ବଢ଼ିବା ସହ ମୋବାଇଲର ବିକିରଣ ପିଲାମାନଙ୍କ ଏକାଗ୍ରତା ଭାଙ୍ଗିବା ସହ ସେମାନଙ୍କୁ ପଥଭ୍ରଷ୍ଟ କରୁଛି। ଏବେ ଯେଉଁଭଳି ଭାବେ ସୋସିଆଲ ମିଡ଼ିଆ ନିଶାରେ ପିଲା ପଡ଼ିସାରିଲେଣି, ଯଦି ତୁରନ୍ତ ଏହି ନିଶାରୁ ମୁକ୍ତ କରିବା ପାଇଁ ଉଦ୍ୟମ ନହୁଏ ତେବେ ଏହା ଦେଶକୁ ଅସ୍ଥିରରେ ପକାଇପାରେ। କାରଣ ଦେଶର ଭବିଷ୍ୟତ ଏବେ ସୋସିଆଲ ମିଡ଼ିଆ ପାଇଁ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ଏ କ୍ଷେତ୍ରରେ ଅଭିଭାବକଙ୍କ ଠାରୁ ଶିକ୍ଷା କ୍ଷେତ୍ର, ଶିକ୍ଷାବିତ୍‌ଙ୍କ ଠାରୁ ବୁଦ୍ଧିଜୀବୀ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ପାରିବାରିକ ଅଶାନ୍ତି ଓ ଶିଶୁ

ଶ୍ରୀ ଲକ୍ଷ୍ମୀକାନ୍ତ ପ୍ରଧାନ

ଆଜିକାଲିର ପିଲାମାନେ କୁପଥଗାମୀ ହେବାର ମୁଖ୍ୟ କାରଣ ହେଉଛି ପାରିବାରିକ ଅଶାନ୍ତି । ପରିବାର ମଧ୍ୟରେ ଚାଲିଥିବା ଅସହିଷ୍ଣୁତା, ଦ୍ୱେଶ, ପରଶ୍ରୀକାତରତା, ବଡ଼ମାନଙ୍କୁ ଅସମ୍ମାନ, କଳି-ଝଗଡ଼ା ଇତ୍ୟାଦି ଇତ୍ୟାଦିର ପ୍ରତିଫଳନ ପଡ଼ିଥାଏ ପିଲାମାନଙ୍କ ଉପରେ । ସେମାନେ ଯାହା ଦେଖନ୍ତି ଓ ଶୁଣନ୍ତି ତାହା ଶିଖନ୍ତି । ବଡ଼ହୋଇ ସେମାନେ ଉକ୍ତ ବ୍ୟବହାର ବଡ଼ମାନଙ୍କ ଉପରେ ପ୍ରୟୋଗ କରନ୍ତି । ସେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହି ସାରିଥାଏ । ମୁଣ୍ଡ ବାଡ଼ାଇବା ଛଡ଼ା ଅନ୍ୟ କୌଣସି ଉପାୟ ନଥାଏ । ମନସ୍ତାପରେ ପିତାମାତା ମୃତ୍ୟୁବରଣ କରନ୍ତି ଏବଂ ପିଲାମାନେ ଅସଫଳତାର ଦିଗ୍‌ବଳୟରେ ଘୁରି ବୁଲୁଥାନ୍ତି ।

ପିଲାମାନଙ୍କୁ ସଂସ୍କାର ପ୍ରଦାନ କରିବା ପିତାମାତା ଓ ପରିବାରର ପ୍ରାଥମିକତା ହେବା ଉଚିତ । ପରିବାର ଲୋକ ବୁଝିପାରନ୍ତି ନାହିଁ ଯେ ଏହି ଶିଶୁମାନେ ସେମାନଙ୍କର ବଂଶଧର । ସେମାନଙ୍କୁ ସଂସ୍କାର ଶିକ୍ଷା ପ୍ରଦାନ କରିପାରିଲେ ପରିବାର ଉଜ୍ଜ୍ୱଳ ହେବ । କିନ୍ତୁ ପରିବାର ଲୋକ ତାହା ବୁଝନ୍ତି ନାହିଁ । ଶିଶୁଟିର ଭବିଷ୍ୟତ ନଷ୍ଟ କରିବାରେ ପରିବାରର ଲୋକମାନେ ପରୋକ୍ଷରେ ହେଉ ଅଥବା ପ୍ରତ୍ୟକ୍ଷରେ ହେଉ ଲାଗିପଡ଼ିଥାନ୍ତି ।

ଯୌଥ ପରିବାର ହେଉ ଅଥବା ଏକକ ପରିବାର ହେଉ ପ୍ରତ୍ୟେକ କ୍ଷେତ୍ରରେ ଶିଶୁମାନେ ଅବହେଳିତ ହୋଇଥାଆନ୍ତି । ଗୋଟିଏ ଯୌଥ ପରିବାରରେ ଭାଇ-ଭଉଣୀ, ଦାଦା-ଖୁଡ଼ୀ, ବଡ଼ବାପା-ବଡ଼ମା, ଅଜା-ଆଈ ଇତ୍ୟାଦି ଇତ୍ୟାଦି ଏକାଠି ଥାଆନ୍ତି । ଯଦି ସେମାନଙ୍କ ଭିତରେ ସ୍ନେହ, ମମତା, ବଳବତ୍ତର ଥାଏ, ତେବେ ଉକ୍ତ ପରିବାରର ଶିଶୁମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହୁଏ । ସେମାନେ ପରିବାର ଠାରୁ ସ୍ନେହ, ମମତା ଓ ସତ୍‌କର୍ମ ଶିକ୍ଷାକରି ନିଜ ଭବିଷ୍ୟତକୁ ସୁନ୍ଦର କରିପାରନ୍ତି । ଏହାର ବିପରୀତ ଯଦି ପରିବାର ମଧ୍ୟରେ ଅସହିଷ୍ଣୁତା ଭରି ରହିଥାଏ । ତେବେ ପିଲାମାନେ ମଧ୍ୟ ତାହା ଶିଖନ୍ତି ଏବଂ ନିଜ ଭବିଷ୍ୟତ ନଷ୍ଟ କରନ୍ତି ।

ଉଦାହରଣସ୍ୱରୂପ ଯଦି ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସବୁ ସମୟରେ କଳିଝଗଡ଼। ଲାଗି ରହିଥାଏ, ତେବେ ପିଲାମାନେ ମଧ୍ୟ ପରସ୍ପର ମଧ୍ୟରେ କଳହ କରିଥାଆନ୍ତି । ଗାଳିଗୁଲଜ କରିଥାଆନ୍ତି । ଉକ୍ତ ପିଲାମାନେ ପିତାମାତାଙ୍କୁ ଅସମ୍ମାନ କରନ୍ତି । ପାଠପଢ଼ାରେ ମନ ଦିଅନ୍ତି ନାହିଁ । ବଦ୍‌ଖର୍ଚ୍ଚ କରନ୍ତି । ପିତାମାତା ଓ ପରିବାରଠାରୁ ଦୂରେଇ ଯାଇ ସାଙ୍ଗସାଥି ମାନଙ୍କର ପ୍ରିୟ ହୋଇଯାଆନ୍ତି । ସମୟ ନଷ୍ଟ କରନ୍ତି । ପରିବାର ଠାରୁ ଦୂରରେ ରହିବାପାଇଁ ଚେଷ୍ଟା କରନ୍ତି ଏବଂ ମିଛ କଥା କୁହନ୍ତି ।

ହିନ୍ଦୁ ଶାସ୍ତ୍ରରେ ଲେଖାଅଛି "ଲାଳୟେତ୍ ପଞ୍ଚ ବର୍ଷାଣୀ ଦଶ ବର୍ଷାଣୀ ତାଡ଼ୟେତ । ପ୍ରାପ୍ତେ ତୁ ଷୋଡ଼ସେ ବର୍ଷ ପୁତ୍ରେ ମିତ୍ରବତ୍ ଆଚରେତ୍", ଏହାର ଅର୍ଥ ଶିଶୁଙ୍କୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସ୍ନେହ ମମତା ଦିଅ, ପରବର୍ତ୍ତୀ ଦଶବର୍ଷ ପର୍ଯ୍ୟନ୍ତ ଭଲ ଶିକ୍ଷା ଓ ଅନୁଶାସନ ଦିଅ ଏବଂ ଷୋହଳ ବର୍ଷଠାରୁ ଶିଶୁ ସହିତ ମିତ୍ର ପରି ବ୍ୟବହାର କର । ଉପରଲିଖିତ ଶ୍ଲୋକ ଅନୁସାରେ ଯଦି ପିତାମାତାମାନେ ଶିଶୁମାନଙ୍କର ଯତ୍ନ ନିଅନ୍ତେ, ତେବେ ନିଶ୍ଚିତ ଭାବରେ ସେମାନେ ସୁନାଗରିକ ହୋଇ ବାହାରନ୍ତେ । ତେଣୁ ପିତାମାତାମାନଙ୍କୁ ନିମ୍ନପ୍ରଦତ୍ତ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବା ଆବଶ୍ୟକ ।

ଯଥା ସମ୍ଭବ ପିତାମାତା ଏକତ୍ର ରହିବା ଆବଶ୍ୟକ :-

ଶିଶୁର ଜନ୍ମ ପରଠାରୁ ୧୫ ବର୍ଷ ପର୍ଯ୍ୟନ୍ତ ପିତାମାତା ଏକତ୍ର ରହିବା ଆବଶ୍ୟକ । ଯଦି ତାହା ସମ୍ଭବ ହୋଇପାରୁନାହିଁ, ତେବେ ଜଣେ ବ୍ୟକ୍ତି ଶିଶୁ ପାଖରେ ରହିବା ଆବଶ୍ୟକ ଯିଏ ଉକ୍ତ ଶୂନ୍ୟସ୍ଥାନ ପୂରଣ କରିପାରିବ । ଯୌଥ ପରିବାରରରେ ଉକ୍ତ ଶୂନ୍ୟସ୍ଥାନ ସହଜରେ ପୂରଣ ହୋଇପାରେ । କାରଣ ପିତାମାତାଙ୍କ ସ୍ଥାନରେ ଅଜା-ଆଈ, ଦାଦା-ଖୁଡ଼ୀ, ବଡ଼ବାପା-ବଡ଼ମା', ଉକ୍ତ ଶୂନ୍ୟସ୍ଥାନକୁ ସହଜରେ ପୂରଣ କରିପାରନ୍ତି । ଏକକ ପରିବାରରେ ଉକ୍ତ ଶୂନ୍ୟସ୍ଥାନ ପୂରଣ କରିବା କଷ୍ଟକର ହୋଇପଡ଼େ ।

ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପରିବାରରେ ଶିଶୁକୁ ଯଥେଷ୍ଟ ସ୍ନେହ ମମତା ମିଳେ । ଶିଶୁକୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଲାଳନପାଳନ କରି ମମତାର ବନ୍ଧନରେ ବାନ୍ଧି ରଖିବା ଉଚିତ । ଏହି ସମୟରେ ଶିଶୁର ସୁପୋଷଣ ଉପରେ ଧ୍ୟାନଦେବା ଉଚିତ । ପାଞ୍ଚବର୍ଷ ଠାରୁ ଷୋହଳ ବର୍ଷ ପର୍ଯ୍ୟନ୍ତ ଶିଶୁଟିକୁ ସଂସ୍କାର ଓ ଅନୁଶାସନ ଶିକ୍ଷାଦେବା ଆବଶ୍ୟକ । ଏହି ସମୟରେ ଶିଶୁକୁ ନିମ୍ନଲିଖିତ ମୁଖ୍ୟ ସଂସ୍କାର ଓ ଅନୁଶାସନ ଶିକ୍ଷାଦେବା ଉଚିତ :-

କ) ପିତାମାତା ଓ ଗୁରୁଜନମାନଙ୍କୁ ସମ୍ମାନ ।

ଖ) ଈଶ୍ୱରଙ୍କ ଆରାଧନା ।

ଗ) ସମୟାନୁବର୍ତ୍ତିତା ଓ ଦାୟିତ୍ୱବୋଧ ।

ଘ) ଆତ୍ମନିର୍ଭର ଶୀଳତା ।

ଙ) ସହଯୋଗ ଓ ଦଳଗତ କାର୍ଯ୍ୟ

ଚ) ଲକ୍ଷ୍ୟପ୍ରାପ୍ତି ପାଇଁ ନିଷ୍ଠା

ଛ) ସଂଚୟ

ଜ) ପରିବାର ଓ ଦେଶପ୍ରତି ସମର୍ପଣ ଭାବନା

ଉକ୍ତ ଲାଳନପୋଷଣ, ଶିକ୍ଷା ଓ ସଂସ୍କାର ପ୍ରାପ୍ତ କରିବା ଶିଶୁର ଜନ୍ମଜାତ ଅଧିକାର । ଶିଶୁକୁ ଉକ୍ତ ଅଧିକାର ପ୍ରଦାନ କରିବା ପାଇଁ ବାପାମା, ପରିବାର, ଶିକ୍ଷକ ଓ ସରକାର ଦାୟୀ ହେବା ଆବଶ୍ୟକ । ଆମ ଭାରତବର୍ଷରେ ଅନେକ ମାତାପିତା ଶିଶୁର ଉଚିତ ଲାଳନପାଳନ ଓ ଶିକ୍ଷା ପ୍ରଦାନ ପାଇଁ ସମର୍ଥ ନ ଥାନ୍ତି । ଅନେକ ଶିଶୁ ଅନାଥ ହୋଇଯାଇଥାଆନ୍ତି । ସେଥିପାଇଁ ସରକାରଙ୍କୁ ପଦକ୍ଷେପ ନେବାକୁ ପଡ଼ିବ । ଅନାଥାଶ୍ରମ ଓ ବିଦ୍ୟାଳୟମାନଙ୍କରେ ଅନାଥ ଶିଶୁମାନଙ୍କୁ କିପରି ଉପରୋକ୍ତ ସଂସ୍କାର ଓ ଅନୁଶାସନ ମିଳିପାରିବ, ତାହାର ବନ୍ଦୋବସ୍ତ ହେବା ଆବଶ୍ୟକ । ଗରିବ ଓ କର୍ମଜୀବୀ ପିତାମାତାଙ୍କ ଶିଶୁମାନଙ୍କୁ ବିଦ୍ୟାଳୟରେ ଉକ୍ତ ସଂସ୍କାର ଓ ଅନୁଶାସନ ମଗଣା ପ୍ରଦାନ କରାଯିବା ଦରକାର ।

ବର୍ତ୍ତମାନ ଆଲୋଚନା କରିବା ଶିଶୁମାନେ ବିପଥଗାମୀ କାହିଁକି ହେଉଛନ୍ତି । ଏହାର ଏକ ମୁଖ୍ୟକାରଣ ହେଉଛି ପାରିବାରିକ ଅଶାନ୍ତି । ପାରିବାରିକ ଅଶାନ୍ତିର ପ୍ରଭାବ ଶିଶୁଟିର ମନରେ ଅତିଶିଘ୍ର ଗଭୀର ପ୍ରଭାବ ପକାଇଥାଏ । ଶିଶୁଟି ଅଶାନ୍ତ ପରିବାରରୁ ନିମ୍ନଲିଖିତ ନକରାତ୍ମକ ଗୁଣକୁ ଗ୍ରହଣ କରିଥାଏ ।

କ) ପରିବାରରେ ବାପା ଓ ମା, ଭାଇ ଓ ଭାଇ, ଶାଶୂ ଓ ବୋହୂ, ନଣଦ ଓ ଭାଉଜ, ବାପା ଓ ପୁଅ, ଯାଆ ଓ ଯାଆ ଇତ୍ୟାଦିମାନଙ୍କର କଳିଝଗଡ଼ାରୁ ଶିଶୁଟି ଗୁରୁଜନମାନଙ୍କୁ ଅସମ୍ମାନ କରିବା ଶିଖିଥାଏ । ଏହାଛଡ଼ା କଳି ଝଗଡ଼ାରେ ବ୍ୟବହୃତ ଅଶ୍ଳିଳ ଭାଷା ମଧ୍ୟ ଶିଶୁଟି ଶିଖିଥାଏ ।

ଖ) ପରିବ । ର ସଦସ୍ୟମାନଙ୍କ ମଧ୍ୟରେ ଥିବା ଇର୍ଷା, କ୍ରୋଧ, ମିଥ୍ୟା, ଅସଯୋଗିତାକୁ ଶିଶୁ ଅତିଶିଘ୍ର ଗ୍ରହଣ କରିନେଇଥାଏ ।

ଗ) ପରିବ । ର ସଦସ୍ୟମାନଙ୍କ ଅନିୟମିତା ଯଥା - ରାତ୍ରୀଜାଗରଣ, ସକାଳୁ ଡେରିରେ ଉଠିବା, ଠାକୁର ପୂଜାରେ ଶ୍ରଦ୍ଧା ଓ ସମର୍ପଣର ଅଭାବ, ଜିନିଷପତ୍ରକୁ ଯଥା ସ୍ଥାନରେ ନ ରଖିବା ଗୁଣ, ଅଯଥା ଖର୍ଚ୍ଚ, ନିଶାଦ୍ରବ୍ୟ ସେବନ, ମୋବାଇଲ ଫୋନରେ ଅଯଥା ସମୟ ନଷ୍ଟକରିବା ଗୁଣଗୁଡ଼ିକୁ ଆପଣାଇ ଥାଏ ।

ଘ) ପରିବାର ସଦସ୍ୟମାନଙ୍କ ମଧ୍ୟରେ ଯଦି କୌଣସି କାର୍ଯ୍ୟପ୍ରତି ନିଷ୍ଠାରେ ଅଭାବ ଥାଏ, ତାହା ଶିଶୁଟି ଅନୁସରଣ କରିଥାଏ । ଧିରେ ଧିରେ ଶିଶୁଟି ନିଷ୍ଠା ଠାରୁ ଦୂରେଇଯାଏ । ଯଦି ପରିବାର ସଦସ୍ୟମାନଙ୍କ ମଧ୍ୟରେ ଆତ୍ମନିର୍ଭର ଶୀଳତାର ଅଭାବ ଥାଏ, ତାହା ମଧ୍ୟ ଶିଶୁଟି ଶିକ୍ଷା ଲାଭକରେ ।

ଙ) ପରିବାର ମଧ୍ୟରେ କଳିଝଗଡ଼। ଲାଗି ରହିଥିଲେ, ସେମାନଙ୍କ ମଧ୍ୟରେ କୌଣସି ଦଳଗତ କାର୍ଯ୍ୟ ହୁଏନାହିଁ । ପୂର୍ବରୁ ପରିବାରର ସଦସ୍ୟମାନେ ଏକତ୍ରୀତ ହୋଇ ଭୋଜନ କରୁଥିଲେ, ପୂଜାପାର୍ବଣରେ ଏକତ୍ରୀତ ହୋଇ ପିଠାପଣା କରୁଥିଲେ, ଏକତ୍ରୀତ ହୋଇ ଚାଷବାସ ଓ ବ୍ୟବସାୟ କରୁଥିଲେ । ଉକ୍ତ କାର୍ଯ୍ୟର ଅଭାବ ଯୋଗୁଁ ଶିଶୁଟି ଦଳଗତ କାର୍ଯ୍ୟରୁ ଦୂରକୁ ଚାଲିଯାଏ ।

ଚ) ପରିବାର ମଧ୍ୟରେ କଳିଝଗଡ଼ା ଯୋଗୁଁ "ଗୃହକର୍ତ୍ତା"ଙ୍କୁ କେହି ସମ୍ମାନ ଦେଲେନାହିଁ । ସମସ୍ତେ ନିଜକୁ ଜଣେ ଜଣେ ମୁଖିଆ ଭାବିଲେ । ଯାହାଦ୍ୱାରା ପରିବାରରେ ଅରାଜକତା ଦେଖାଦେଲା । ଶିଶୁଟି ପରିବାରରୁ ମୁଖିଆଙ୍କୁ ନ ମାନିବାର ଶିକ୍ଷାଲାଭ କଲା ।

ଛ) ଅଶାନ୍ତ ପରିବାରରୁ ଶିଶୁଟି କୌଣସି ସୁସଂସ୍କାର ଶିକ୍ଷାଲାଭ କରିପାରିଲା ନାହିଁ । ତା'ର ପ୍ରକୃତ ଲକ୍ଷ୍ୟ କ'ଣ ତାହା ମଧ୍ୟ ସେ ଭୁଲିଗଲା । ନିଜେ ଲକ୍ଷ୍ୟଭ୍ରଷ୍ଟ ହୋଇ, ସେ ପରିବାର ଓ ଦେଶପାଇଁ କ'ଣ କାର୍ଯ୍ୟ କରିବ ?

ଶିଶୁ ହେଉଛି ଦେଶର ଭବିଷ୍ୟତ । ସେମାନଙ୍କୁ ସୁନାଗରିକ ଭାବରେ ଗଢ଼ିବା ସମସ୍ତଙ୍କ ଦାୟିତ୍ୱ । ସେମାନଙ୍କୁ ସଂସ୍କାର ଶିକ୍ଷା ପ୍ରଦାନକରି ଦେଶର ଭବିଷ୍ୟତକୁ ଉଜ୍ଜ୍ୱଳ କରାଇବାରେ ସମସ୍ତେ ସହଯୋଗ କରିବା ଉଚିତ । ଏଥିରେ ପ୍ରଧାନ ଦାୟିତ୍ୱ ହେଉଛି ପିତାମାତାଙ୍କର । ପିତାମାତା ପ୍ରଥମେ ସଂସ୍କାରିତ ହୋଇ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ଦରକାର । କାରଣ ଶିଶୁମାନେ ଅନୁକରଣୀୟ । ସେମାନେ ଯାହା ଦେଖନ୍ତି ଓ ଶୁଣନ୍ତି, ତାହା କରନ୍ତି । ପିତାମାତାଙ୍କ ପରେ ଆସୁଛି ଯୌଥ ପରିବାର । ଗୋଟିଏ ସ୍ନେହ ଓ ଶ୍ରଦ୍ଧା ବନ୍ଧନରେ ଆବଦ୍ଧ ଯୌଥ ପରିବାରରେ ଶିଶୁଟି ସମସ୍ତ ଶିକ୍ଷା ପାଇଥାଏ । ତେଣୁ ମୋର ପିତାମାତାମାନଙ୍କୁ ଅନୁରୋଧ ଶିଶୁର ଭବିଷ୍ୟତ ପାଇଁ ପାରିବାରିକ ଅଶାନ୍ତିରୁ ଦୂରରେ ରୁହନ୍ତୁ ।

ପଟରାସାହି, କଟକ

ଦୁଆତ କଲମର ଦେବତା ଚିତ୍ରଗୁପ୍ତ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଚିତ୍ରଗୁପ୍ତ ଯମରାଜ ରାଜଙ୍କ ପାଞ୍ଜିକାର, ମୁହୁର୍ତ୍ତୁ କ୍ଷିପ୍ର ଘଟଣାର ମହାଲେଖାକାର, ମହାକାରଣ କାର୍ଯ୍ୟାଳୟ କଲିକତାରେ ବ୍ରିଟିଶ ଅମଳରୁ ଅଛି, ହେଲେ ପ୍ରକୃତ ମହାମହା କରଣ କାର୍ଯ୍ୟାଳୟ ମୃତ୍ୟୁ ଲୋକ ଧାର୍ଯ୍ୟ ଦିନରୁ ଚାଲିଛି, ଦିନରାତି ଖଟଣୀରେ ମହା ଲେଖକାର କେବେଥକତ ହୋଇ ବିଶ୍ରାମ ନେଇଛନ୍ତି ଏମିତି ପ୍ରମାଣ କେଉଁଠି

ପାଟନାରେ ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ଜରିମାନା ୫ଶହଟଙ୍କା

ନୂଆଦିଲ୍ଲୀ,୬।୧(ଏଜେନ୍ସି): ପାଟନାରେ ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ହେବେ ‘ନଗରଶତ୍ରୁ’, ଗଣିବାକୁ ପଡ଼ିବ ୫୦୦ ଟଙ୍କା ଜରିମାନା । ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ପାଟନା ନଗର ନିଗମ ବଡ଼ ପଦକ୍ଷେପ ଗ୍ରହଣ କରିଛି । ଏଣିକି ସର୍ବସାଧାରଣ ସ୍ଥାନରେ ଛେପ ପକାଇବା କିମ୍ବା ପାନ ଛେପ ପକାଇ ସହରକୁ ଅପରିଷ୍କାର କରୁଥିବା ବ୍ୟକ୍ତିଙ୍କୁ ‘ନଗରଶତ୍ରୁ’ ଭାବେ ଘୋଷଣା କରାଯିବ । କେବଳ ସେତିକି ନୁହେଁ, ନିୟମ ଉଲ୍ଲଂଘନକାରୀଙ୍କ ଉପରେ ୫୦୦ ଟଙ୍କାର ଆର୍ଥିକ ଜରିମାନା ମଧ୍ୟ ଲଗାଯିବ। ନଗର ନିଗମର ନୂତନ ନିଷ୍ପତ୍ତି ଅନୁଯାୟୀ, ସହରର ପରିମଳ ବ୍ୟବସ୍ଥାକୁ ବିଗାଡୁଥିବା ଲୋକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଫଟୋ ସର୍ବସାଧାରଣରେ ପ୍ରଦର୍ଶିତ କରାଯାଇପାରେ । ସ୍ୱଚ୍ଛ ଭାରତ ଅଭିଯାନକୁ ଅଧିକ ପ୍ରଭାବଶାଳୀ କରିବା ଏବଂ ରୋଗ ସଂକ୍ରମଣକୁ ରୋକିବା ପାଇଁ ଏହି ନିୟମ ପ୍ରଣୟନ କରାଯାଇଛି । ବିଶେଷ କରି ସରକାରୀ କୋଠା, ପାର୍କ ଏବଂ ପ୍ରମୁଖ ଛକଗୁଡ଼ିକରେ ସିସିଟିଭି ମାଧ୍ୟମରେ ନଜର ରଖାଯିବ । ପାଟନା ନଗର ନିଗମର ଏହି ଅଭିନବ ପ୍ରୟାସକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ପରିବେଶବିତ ମାନେ ଏହାକୁ ସ୍ୱାଗତ କରିଥିବାବେଳେ, ପ୍ରଶାସନ ପକ୍ଷରୁ ସହରବାସୀଙ୍କୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଅନୁରୋଧ କରାଯାଇଛି । ଯଦି କେହି ଏହି ନିୟମକୁ ଅମାନ୍ୟ କରନ୍ତି, ତେବେ ତୁରନ୍ତ ସ୍ପଟ୍ ଫାଇନ୍ ଆଦାୟ କରାଯିବାର ବ୍ୟବସ୍ଥା ହୋଇଛି । ସହରର କୌଣସି ବି ସର୍ବସାଧାରଣ ସ୍ଥାନରେ ଛେପ କିମ୍ବା ପାନ ଛେପ ପକାଇଲେ ୫୦୦ ଟଙ୍କା ଜରିମାନା ଏହି ନିୟମ ଭାଙ୍ଗିଲେ, ପାଟନା ନଗର ନିଗମ ସେମାନଙ୍କୁ ‘ସହରର ଶତ୍ରୁ’ ଘୋଷଣା କରିବସହରର ବିଭିନ୍ନ ସ୍ଥାନରେ ଲାଗିଥିବା ପ୍ରାୟ ୩,୩୦୦ଟି ସିସିଟିଭି କ୍ୟାମେରା ଲୋକଙ୍କ ଉପରେ ନଜର ରଖିବଛେପ ପକାଉଥିବା ବ୍ୟକ୍ତିଙ୍କ ଫଟୋକୁ ସହରର ବିଭିନ୍ନ ଛକରେ ଥିବା ଡିଜିଟାଲ୍ ସ୍କ୍ରିନରେ ଦେଖାଯିବ । ପାଟନା ଜଙ୍କସନ ସହ ସଂଯୋଗ କରୁଥିବା ସବ୍‌ୱେରେ ଏହି ନିୟମ ଅଧିକ କଡ଼ାକଡ଼ି କରାଯାଇଛି । ଯେଉଁଠାରେ କିଛି ସ୍ଥାନରେ ଜରିମାନା ୧,୦୦୦ ଟଙ୍କା ପର୍ଯ୍ୟନ୍ତ ମଧ୍ୟ ହୋଇପାରେ ।

ବାଲାଂଦେଶରେ ପୁଣି ହିନ୍ଦୁଙ୍କୁ ହତ୍ୟା
୧୮ ଦିନରେ ଗଲାଣି ୬ ହିନ୍ଦୁଙ୍କ ଜୀବନ

ନୂଆଦିଲ୍ଲୀ,୬।୧(ଏଜେନ୍ସି): ବାଲାଂଦେଶରେ ପୁଣି ହିନ୍ଦୁଙ୍କୁ ହତ୍ୟା । ଗ୍ରୋସରୀ ଦୋକାନୀ ମୋନି ଚକ୍ରବର୍ତ୍ତିଙ୍କୁ ହାଣିଦେଲେ ହିଂସାକାରୀ । ୨୪ ଘଣ୍ଟାରେ ଦୁଇ ହିନ୍ଦୁଙ୍କୁ ହତ୍ୟା କଲେଣି ଦଙ୍ଗାକରୀ । ୧୮ ଦିନରେ ଗଲାଣି ୬ ହିନ୍ଦୁଙ୍କ ଜୀବନ । ସଂଖ୍ୟାଲଘୁଙ୍କ ଟାର୍ଗେଟ କରି ଆକ୍ରମଣ କରୁଛନ୍ତି ଦଙ୍ଗାକାରୀ । ମୋନିଙ୍କୁ ହତ୍ୟା କରାଯିବାର କିଛି ଘଣ୍ଟା ପୂର୍ବରୁ, ଯଶୋର ଜିଲ୍ଲାରେ ଜଣେ ୪୫ ବର୍ଷୀୟ କାରଖାନା ମାଲିକ ରାଣା ପ୍ରତାପଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ରାଣା ପ୍ରତାପ ଏକ ଖବରକାଗଜର କାର୍ଯ୍ୟକାରୀ ସମ୍ପାଦକ ମଧ୍ୟ ଥିଲେ । କିଛି ଲୋକ ତାଙ୍କ ମୁଣ୍ଡରେ ଗୁଳି ମାଡ଼ କରିଥିଲେ । ଏହା ସହିତ ତାଙ୍କ ଗଳା ମଧ୍ୟ କାଟି ଦେଇଥିଲେ। ପଡ଼ୋଶୀ କେଶବପୁର ଉପ-ଜିଲ୍ଲାର ଜଣେ ସ୍କୁଲ ଶିକ୍ଷକଙ୍କ ପୁଅ ପ୍ରତାପ ଦୁଇ ବର୍ଷ ଧରି କୋପାଳିଆ ବଜାରରେ ଏକ ବରଫ କାରଖାନା ଚଳାଉଥିଲେ । ସୋମବାର ସନ୍ଧ୍ୟାରେ କିଛି ଲୋକ ତାଙ୍କୁ ବରଫ କାରଖାନାରୁ ଡାକି ଏକ ଗଳିକୁ ନେଇ ଗୁଳି କରିଥିଲେ । ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ, ଆକ୍ରମଣକାରୀମାନେ ଏକ ମୋଟରସାଇକେଲରେ ଆସିଥିଲେ ଏବଂ ପ୍ରତାପଙ୍କ ସହ ଯୁକ୍ତିତର୍କ କରିଥିଲେ, ତାଙ୍କ ମୁଣ୍ଡକୁ ଅନେକ ରାଉଣ୍ଡ ଗୁଳି କରି ପଳାଇ ଯାଇଥିଲେ । ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ, ପ୍ରତାପଙ୍କ ମୁଣ୍ଡରେ ତିନିଟି ଗୁଳି ବାଜିଥିଲା। ସେ କହିଛନ୍ତି, କିଏ ଏଥିରେ ସମ୍ପୃକ୍ତ ତାହାର ତଦନ୍ତଆମେ କରୁଛୁ । ଶନିବାର ଦିନ, ଝିନାଇଦା ଜିଲ୍ଲାରେ ଜଣେ ହିନ୍ଦୁ ମହିଳାଙ୍କ ସହ ଦୁଇଜଣ ପୁରୁଷ ଦୁଷ୍କର୍ମ କରିଥିଲେ । ସେମାନେ ତାଙ୍କଠାରୁ ଟଙ୍କା ମଧ୍ୟ ଦାବି କରିଥିଲେ । ଯେତେବେଳେ ସେ ଚିତ୍କାର କରିଥିଲେ, ସେମାନେ ତାଙ୍କୁ ଏକ ଗଛରେ ବାନ୍ଧି ତାଙ୍କ କେଶ କାଟି ଦେଇଥିଲେ । ଏହି ବର୍ବର କାର୍ଯ୍ୟକୁ ରେକର୍ଡିଂ କରାଯାଇ ସୋସିଆଲ ମିଡିଆରେ ଏହାର ଭିଡିଓ ପ୍ରସାରିତ କରିଥିଲେ । ମହିଳା ଜଣକ ଚେତାଶୂନ୍ୟ ହୋଇ ପଡ଼ି ରହିଥିଲେ । ସ୍ଥାନୀୟ ବାସିନ୍ଦା ତାଙ୍କୁ ଡାକ୍ତରଖାନାକୁ ନେଇଥିଲେ । ପୂର୍ବରୁ ଜାନୁଆରି ୩ ତାରିଖରେ,୫୦ ବର୍ଷୀୟ ଖୋକନ ଚନ୍ଦ୍ର ଦାସଙ୍କୁ ନିର୍ମମ ଆକ୍ରମଣ ପରେ ତାଙ୍କ ଦେହରେ ନିଆଁ ଲଗାଇ ଦିଆଯାଇଥିଲା । ଏହା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିଲା । ଡିସେମ୍ବର ୨୪ ତାରିଖରେ, ରାଜବାରୀ ସହରର ପାଂଶା ଉପଜିଲ୍ଲାରେ ଆଉ ଜଣେ ହିନ୍ଦୁ ବ୍ୟକ୍ତି ଅମୃତ ମଣ୍ଡଳଙ୍କୁ ଦାଦାବଟି ଆଦାୟ ଅଭିଯୋଗରେ ପିଟି ହତ୍ୟା କରାଯାଇଥିଲା। ପୂର୍ବରୁ ଡିସେମ୍ବର ୧୮ ତାରିଖରେ, ମୈମନସିଂ ସହରରେ, ୨୫ ବର୍ଷୀୟ ଦୀପୁ ଚନ୍ଦ୍ର ଦାସଙ୍କୁ ଈଶା ନିନ୍ଦା ଅଭିଯୋଗରେ ଭିଡ଼ ଦ୍ୱାରା ପିଟି ପିଟି ହତ୍ୟା କରାଯାଇଥିଲା ଏବଂ ତାଙ୍କ ମୃତଦେହକୁ ପୋଡ଼ି ଦିଆଯାଇଥିଲା । ଏକ ପୃଥକ ଘଟଣାରେ, ଡିସେମ୍ବର ୨୩ତାରିଖରେ ଚିଟାଙ୍ଗର ଉପକଣ୍ଠରେ ଥିବା ରାଜଜାନ ଅଞ୍ଚଳରେ ଅଜ୍ଞାତ ବ୍ୟକ୍ତିମାନେ କାତାରରେ କାମ କରୁଥିବା ପ୍ରବାସୀ ଶ୍ରମିକ ଶୁଖ ଶିଲ୍ ଏବଂ ଅନିଲ୍ ଶିଲ୍‌ଙ୍କ ଘରେ ନିଆଁ ଲଗାଇ ଦେଇଥିଲେ । ତେବେ ଘରର ଲୋକମାନେ କୌଣସି ମତେ ଜୀବନ ବଞ୍ଚାଇବାକୁ ସଫଳ ହୋଇଥିଲେ।

ନେପାଳ ବୀରଗଞ୍ଜରେ ମସଜିଦ୍ ଭଙ୍ଗାରୁଜା ପରେ ହିଂସା, ଭାରତ ସୀମାରେ ଆଲର୍ଟ

ନୂଆଦିଲ୍ଲୀ,୬।୧(ଏଜେନ୍ସି): ନେପାଳରେ ପୁଣିଥରେ ସାମ୍ପ୍ରଦାୟିକ ବିବାଦ ବଢିଛି । ଏଥର ହିଂସା ଏକ ସୋସିଆଲ ମିଡିଆଭିଡିଓରୁ ଆରମ୍ଭ ହୋଇଛି । ଯାହାକୁ ଦେଖିବା ମାତ୍ରେ ସତକ ଉପରେ ଆରମ୍ଭ ହୋଇଯାଇଥିଲା ବିକ୍ଷୋଭ ପ୍ରଦର୍ଶନ ଏବଂ ପୋଡା-ଜଳା । ସ୍ଥିତି ଖରାପ ହେବାର ଦେଖି ସରକାର ଓ ସ୍ଥାନୀୟ ପ୍ରଶାସନ କର୍ଫ୍ୟୁ ଭଳି କଡ଼ା ପଦକ୍ଷେପ ଗ୍ରହଣ କରିଥିଲେ । ଭାରତକୁ ଲାଗି ରହିଥିବା ବୀରଗଞ୍ଜରେ ସ୍ଥିତି ସବୁଠାରୁ ଅଧିକ ଖରାପ ହୋଇଛି । ଫଳରେ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି । ଏହି ଘଟଣା ପରେ ଭାରତ ସୀମାରେ ଆଲର୍ଟ ଜାରି କରାଯାଇଛି । ପାରସା ଜିଲ୍ଲା ଚିଫ୍ ଡିଷ୍ଟ୍ରିକ୍ଟ ଅଫିସର ଭୋଲା ଦହଲଙ୍କ କହିବା ଅନୁସାରେ, ମଙ୍ଗଳବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରହିବ । ପ୍ରଶାସନର କହିବା ଅନୁସାରେ,କର୍ଫ୍ୟୁ ବେଳେ ସୁରକ୍ଷାକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଉପଦ୍ରବକାରୀଙ୍କୁ ଗୁଳିମାରି ପାରିବେ । ଏହା ସହ ସାଧାରଣ ଲୋକଙ୍କୁ ପରାମର୍ଶ ଦିଆଯାଇଛି । ଖୁବ୍ ଜରୁରୀ କାମ ଥିଲେ ବାହାରକୁ ଯାଆନ୍ତୁ । ଏହାଛଡା ଆଖପାଖରେ କୌଣସି ପ୍ରକାର ଉପଦ୍ରବର ସ୍ଥିତିରେ ୧୦୦ ନମ୍ବରକୁ କଲ୍ କରନ୍ତୁଯ କୁହାଯାଉଛି ଯେ, ଏହି ମାମଲାର ଆରମ୍ଭରେ ଦୁଇ ଯୁବକ ହାଇଦର ଅନସାରୀ ଓ ଅମାନତ ଅନସାରୀଙ୍କ ଦ୍ୱାରା ଟିକଟକ୍ ଭିଡିଓ ସେୟାର କରିବା ପରେ ହୋଇଛି । ଏହି ଭିଡିଓକୁ ନେଇ ହିନ୍ଦୁ ସମ୍ପ୍ରଦାୟର ଲୋକଙ୍କ କହିବା ଅନୁସାରେ,ଏହା ଆମର ଭାବନାକୁ ଆଘାତ ଦେଇଛି । ଦୁଇ ଯୁବକଙ୍କୁ ପୁଲିସ ଗିରଫ କରିଛି । ଏହାପରେ ବି ବିବାଦ ଆହୁରି ବଢିଯାଇଛି । ଯେତେବେଳେ ଏକ ମସଜିଦକୁ ଭଙ୍ଗାରୁଜା କରାଯିବାର ଖବର ଆସିଥିଲା । ଏହାପରେ ସ୍ଥାନୀୟ ଭାବରେ ଯେତେବେଳେ ବିବାଦ ବଢିଥିଲା ଟିକଟକରେ ଏଭଳି ବହୁ ଭିଡିଓ ଭାଇରାଲ ହୋଇଥିଲା । ଯାହାଫଳରେ ଗୁଜବ ଆହୁରି ଜୋର ଧରିଥିଲା। ପୁରା ବୀରଗଞ୍ଜରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଥିଲା । ଉପଦ୍ରବକାରୀଙ୍କ ଭିତରୁ କିଛି ଲୋକ ପଥରମାଡ଼ କରିଥିଲେ । ଶେଷରେ ପୁଲିସ-ପ୍ରଶାସନ କର୍ଫ୍ୟୁଲଗାଇ ଦେଇଥିଲେ । ଯେପରି ସ୍ଥିତି କନଟ୍ରୋଲ କରିହେବ । ପ୍ରଶାସନର କହିବା ଅନୁସାରେ, କର୍ଫ୍ୟୁବେଳେ ସୁରକ୍ଷାବାହିନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ କେଣସି ଉପଦ୍ରବକାରୀଙ୍କୁ ଗୁଳି ମାରିପାରିବେ ।

ହିମାଳୟରେ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ପାଣ୍ଠି ଅଭାବ

ନୂଆଦିଲ୍ଲୀ,୬।୧(ଏଜେନ୍ସି): ହିମାଳୟ ପାର୍ବତ୍ୟାଞ୍ଚଳରେ ଜଳବାୟୁ ପରିବର୍ତ୍ତନର ଦ୍ରୁତ ପ୍ରଭାବ । ଏହାର ପ୍ରଶମନ ଓ ପ୍ରତିକାର ପାଇଁ ପାଣ୍ଠିର ଘୋର ଅଭାବ । ଏହି ସମସ୍ୟାର ମୁକାବିଲା କରିବା ପାଇଁ ଭାରତକୁ ବର୍ଷକୁ ୧୦୨ ଅରବ ଡଲାର ଅବଶ୍ୟକ ରହିଛି । ଏନେଇ ଏହାର ବଡ଼ ଖୁଲାସା କରିଛି ଇଣ୍ଟରନ୍ୟାସନାଲ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ୍ ମାଉଣ୍ଟେନ ଡେଭଲପମେଣ୍ଟ । ICIMOD ହିନ୍ଦୁ କୁଶ ହିମାଳୟ କ୍ଷେତ୍ରର ସଂରକ୍ଷଣ ଉପରେ କାମ କରୁଛି । ଏହି ଅଞ୍ଚଳରେ ଏଠାରେ ବିଶ୍ୱର ପ୍ରାୟ ୫୦% ଜନସଂଖ୍ୟା ବାସ କରନ୍ତି । ହିନ୍ଦୁକୁଶ-ହିମାଳୟ ଅଞ୍ଚଳରେ ଏବେ ଦ୍ରୁତ ଗତିରେ ଜଳବାୟୁ ପରିବର୍ତ୍ତନ ଘଟୁଛି । ଏଠାରେ ମୁଖ୍ୟତଃ ବରଫ ତରଳିବା ସହିତ ଜୈବ ବିବିଧତା ନଷ୍ଟ ହେଉଛି । ଯାହା ଦ୍ୱାରା ୮ ଦେଶର କୋଟି କୋଟି ଲୋକ ବିପଦ ମୁହଁକୁ ଠେଲି ହେଇଯାଉଛନ୍ତି । ଭାରତ, ଚୀନ, ଆଫଗାନିସ୍ତାନ, ପାକିସ୍ତାନ, ନେପାଳ, ବାଂଲାଦେଶ, ମିଆଁମାର ଏବଂ ଭୁଟାନ ଭଳି ଦେଶର ଲୋକେ ଏଥିରେ ପ୍ରଭାବିତ ହେଉଛନ୍ତି । ହିନ୍ଦୁକୁଶ ହିମାଳୟ ପାର୍ବତ୍ୟାଞ୍ଚଳ ପରିବେଶଗତ ସନ୍ତୁଳନ, ଆର୍ଥିକ ଜୀବନଶକ୍ତି ଏବଂ ସାମାଜିକ ଗଠନ ଦିଗରେ ଗରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଏହା କୋଟି କୋଟି ଲୋକଙ୍କୁ ମିଠା ପାଣି ଯୋଗାଉଛି । ଏହି ଅଞ୍ଚଳ ସମୃଦ୍ଧ ଜୈବ ବିବିଧତାର ଭଣ୍ଡାର । ଏହାର ପାଦଦେଶରେ

ବସବାସ କରୁଥିବା ଲୋକମାନଙ୍କ ଜୀବନ ଜୀବିକା ଏହାର ପ୍ରାକୃତିକ ସମ୍ବଳ ଉପରେ ନିର୍ଭର କରେ। ଏହି ଅଞ୍ଚଳ ନଷ୍ଟ ହୋଇଗଲେ ଜୈବ ବିବିଧତା ଉପରେ ଗୁରୁତର ପ୍ରଭାବ ପଡ଼ିବ । ଭବିଷ୍ୟତରେ ବନ୍ୟା, ଭୂସ୍ଖଳନ, ଜଳସଙ୍କଟ ଭଳି ସମସ୍ୟା ସୃଷ୍ଟି ହେବ । ତେଣୁ ଏହାର ସଂରକ୍ଷଣ ଜରୁରୀ । ଜଳବାୟୁ ପରିବର୍ତ୍ତନ ପ୍ରଶମନ ଏବଂ ପ୍ରତିକାର ପାଇଁ ଆବଶ୍ୟକ ପାଣ୍ଠି ବିଷୟରେ ICIMOD ରିପୋର୍ଟରେ ଦର୍ଶାଯାଇଛି । ଭାରତ ଏବଂ ଚୀନ ମିଶି ଏହି ଆବଶ୍ୟକତାର ୯୨ ପ୍ରତିଶତ ପୂରଣ କରୁଛନ୍ତି । ହେଲେ ଅନ୍ୟ ଦେଶ ଯଥା- ନେପାଳ, ଭୁଟାନ, ବାଂଲାଦେଶ, ଆଫଗାନିସ୍ତାନ, ମିଆଁମାର ଏବଂ ପାକିସ୍ତାନ ଜିଡିପି ତୁଳନାରେ ଗୁରୁତର ଆର୍ଥିକ ବ୍ୟବଧାନର ସମ୍ମୁଖୀନ ହେଉଛନ୍ତି । ଭାରତ ତୁଳନାରେ ଚୀନକୁ ପ୍ରତି ବର୍ଷ ପ୍ରାୟ ୬୦୫ ଅରବ ଆମେରିକୀୟ ଡଲାରର ଆବଶ୍ୟକତା ରହିଛି । ସେହିପରି ପାକିସ୍ତାନକୁ ପ୍ରାୟ ୪୦.୧୨ ଅରବ ଡଲାରର ଆବଶ୍ୟକତା ରହିଛି । ଏହାପରେ ବାଂଲାଦେଶ ଏବଂ ନେପାଳକୁ ୮.୯୫ ଅରବ ଡଲାର ଲେଖାଏଁ ଆବଶ୍ୟକତା ରହିଛି ।

ଦିଲ୍ଲୀ ପ୍ରଦୂଷଣକୁ ନେଇ ସରକାରଙ୍କ ଉପରେ ବର୍ଷିଲା ଆପ୍

ନୂଆଦିଲ୍ଲୀ,୬।୧(ଏଜେନ୍ସି): ଦିଲ୍ଲୀ ପ୍ରଦୂଷଣକୁ ନେଇ ଆପ୍ ର ପ୍ରତିବାଦ । ଦିଲ୍ଲୀର ବିଜେପି ସରକାର ଓ କେନ୍ଦ୍ର ସରକାର ଏଥିପ୍ରତି ନିଷ୍କ୍ରିୟତା ଓ ଉଦାସୀନତା ଦେଖାଉଥିବାରୁ ଏହାର ପ୍ରତିବାଦ କରିଛି ଆମ୍ ଆଦମୀ ପାର୍ଟି । ଦିଲ୍ଲୀ ବିଧାନସଭା ପରିସରରେ ଆପ୍ ପକ୍ଷରୁ ଆନ୍ଦୋଳନ କରାଯାଇଛି । ବିରୋଧୀ ଦଳ ନେତା ଅତିଶି ଅଭିଯୋଗ କରିଛନ୍ତି, ଦିଲ୍ଲୀ ପ୍ରଦୂଷଣ ପ୍ରସଙ୍ଗରୁ ପଳାୟନ କରୁଛି ବିଜେପି । ବିଧାନସଭାରେ ଏ ପ୍ରସଙ୍ଗରେ ଆଲୋଚନା କରିବାକୁ ବି ରାଜି ହେଉନି । ଏବେ ଦିଲ୍ଲୀର ସବୁଠାରୁ ବଡ଼ ସମସ୍ୟା ହେଉଛି ପ୍ରଦୂଷଣ । ଏହାର ସମାଧାନ ପାଇଁ କିଛି ଚେଷ୍ଟା କରୁନି ବିଜେପି । ପ୍ରସଙ୍ଗରୁ ପଳାୟନ କରୁଛି । ସେମାନଙ୍କ ପାଖରେ କୌଣସି ଉତ୍ତର ବି ନାହିଁ । ଏସବୁ ଡ୍ରାମା ଛାଡ଼ି ଦିଲ୍ଲୀ ପ୍ରଦୂଷଣ ନେଇ ବିଧାନସଭାରେ ଆଲୋଚନା ହେଉ ଏବଂ ସମାଧାନ ପାଇଁ ସରକାର ଚେଷ୍ଟା କରନ୍ତୁ ବୋଲି ଦାବି କରିଛନ୍ତି ଅତିଶି ।

୧୨ ବର୍ଷ ପରେ ନିଖୋଜ ବିମାନର ସର୍ଚ୍ଚ ଅପରେସନ୍

ନୂଆଦିଲ୍ଲୀ,୬।୧(ଏଜେନ୍ସି): ୧୨ ବର୍ଷ ପୂର୍ବେ ୨୩୯ ଯାତ୍ରୀଙ୍କ ସହିତ ନିଖୋଜ ହୋଇଥିବା ଏମ୍ଏଚ୍୩୭୦ ବିମାନର ରହସ୍ୟ ଉପରୁ ପରଦା ଉଠିବ । ଏଥିପାଇଁ ଡିସେମ୍ବର ୩୧, ୨୦୨୫ରୁ ବିଶ୍ୱର ସବୁଠୁ ମହଙ୍ଗା ସର୍ଚ୍ଚ ଅପରେସନ୍ ପୁଣି ଥରେ ଆରମ୍ଭ ହୋଇଛି । ମାଲେସିଆର ପରିବହନ ମନ୍ତ୍ରଣାଳୟ ଅନୁସାରେ, ନୂଆ ଉପାୟରେ ବିମାନର ସ୍ଥାନ ବିଷୟରେ ଅନୁମାନ କରାଯାଇଛି । ଆମେରିକୀୟ ଘରୋଇ କମ୍ପାନି ଓସନ୍ ଇନ୍ଫିନିଟି ଅନୁସାରେ, ବିମାନକୁ ଖୋଜିବା ପରେ ହିଁ ଏହା ୬୩୦ କୋଟି ଟଙ୍କା ପାରିଶ୍ରମିକ ନେବ । ମାର୍ଚ୍ଚ ୮, ୨୦୧୪ । ରାତି ୧୨ଟା ୪୧ । ମାଲେସିଆର ରାଜଧାନୀ କୁଆଲାଲମ୍ପୁରରୁ ମାଲେସିଆ ଏୟାରଲାଇନ୍ସର ଏମ୍ଏଚ୍୩୭୦ ବିମାନ ଉଡ଼ାଣ ଆରମ୍ଭ କଲା। ଉଡ଼ାଣର ୨୦ ମିନିଟ୍ ପରେ ବିମାନ ୩୫ ହଜାର ଫୁଟ ଉଚ୍ଚରେ ପହଞ୍ଚିଗଲା । ଦକ୍ଷିଣ ଚୀନ୍ ସମୁଦ୍ର, ଭିଏତ୍ନାମ, କାମ୍ବୋଡ଼ିଆ, ଥାଇଲାଣ୍ଡ ଓ ଲାଓସ୍ ହୋଇ ଏହା ଚୀନ୍ ଅଭିମୁଖେ ଯାତ୍ରା କରିଥାନ୍ତା । ରାତି ୧.୧୯ରେ ବିମାନ ମାଲେସିଆର ଏୟାର ସ୍ପେସରୁ ବାହାରି ଭିଏତନାମର ଏୟାର୍ ସ୍ପେସ୍ରେ ପ୍ରବେଶ କରିବାକୁ ଯାଉଥିଲା । ମାଲେସିଆ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ବିମାନର

ପାଇଲଟ୍‌ଙ୍କୁ କହିଲା, ଏବେ ଆପଣ ହୋ ଚୀ ମିନ୍ ସିଟି ସହ ସମ୍ପର୍କ କରନ୍ତୁ, ଗୁଡ୍ ନାଇଟ୍ । ପାଇଲଟ୍ ଜବାବ ଦେଲେ- ଠିକ୍ ଅଛି, ଗୁଡ୍ ନାଇଟ୍ । ଭିଏତ୍ନାମ ଏୟାର ସ୍ପେସରେ ପ୍ରବେଶ କରିବା ପରେ ମଧ୍ୟ ପାଇଲଟ୍ ହୋ ଚୀ ମିନ୍ ସିଟିର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ସମ୍ପର୍କ କଲେ ନାହିଁ । ତା'ପରେ ବିମାନ ରାଡାରରୁ ମଧ୍ୟ ଉଭାନ୍ ହୋଇଗଲା । ଭିଏତ୍ନାମ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର୍ ବିମାନ ସହ ସମ୍ପର୍କ କରିବାକୁ ଚେଷ୍ଟା କଲେ, କିନ୍ତୁ କୌଣସି ଜବାବ ମିଳିଲା ନାହିଁ । ରାତି ୧.୩୦ ପରେ ଅନ୍ୟ କୌଣସି ବିମାନର ରାଡାରରେ ମଧ୍ୟ ଏହା ଦେଖାଗଲା ନାହିଁ । କୁଆଡ଼େ ଗଲା, କେହି କିଛି ବୁଝିପାରିଲେ ନାହିଁ । ବିମାନ ନିଖୋଜ ହେବାର ୫ ଘଣ୍ଟା ପରେ ମାଲେସିଆ ଏୟାରଲାଇନ୍ସ ଏ ବିଷୟରେ ସୂଚନା ଦେଲା । ସର୍ଚ୍ଚ ଅପରେସନ୍ ଆରମ୍ଭ ହେଲା । ମିଲିଟ୍ରି ରାଡାରରେ ଉଭାନ୍ ହେବା ପରେ ବିମାନର ଏକ ଦିଗ ମିଳିଲା । ଜଣାପଡ଼ିଲା, ୧.୨୧ରେ ବିମାନ ଟିକିଏ ଡାହାଣକୁ ମୋଡ଼ ନେଇଥିଲା ଏବଂ ପୁଣି ବାମ ମୋଡ଼ ନେଇ ବେଜିଂରୁ ଓଲଟା ଦିଗରେ ମାଲେସିଆ ଓ ଥାଇଲାଣ୍ଡ ସୀମା ହୋଇ ଭାରତ ମହାସାଗର ଅଭିମୁଖେ ଯାଇଥିଲା ।

‘ହିନ୍ଦୁଙ୍କ ହତ୍ୟା ଏକ ମାମୁଲି ଘଟଣା’
ବାଂଲାଦେଶୀ ନେତାଙ୍କ ଆଶ୍ଚର୍ଯ୍ୟକର ବୟାନ

ନୂଆଦିଲ୍ଲୀ,୬।୧(ଏଜେନ୍ସି): ବାଂଲାଦେଶରେ ଜଣକ ପରେ ଜଣେ ହିନ୍ଦୁଙ୍କ ମୃତ୍ୟୁ ହେବାରେ ଲାଗିଛି । ଏହି ମଧ୍ୟରେ ଜଣେ ବାଂଲାଦେଶୀ ନେତାଙ୍କର ଆଶ୍ଚର୍ଯ୍ୟକର ଟିପ୍ପଣୀ ଚର୍ଚ୍ଚାକୁ ଆସିଛି । ଏହି ନେତା ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ମିଜା ଫଖରୁଲ ଇସଲାମ୍ । ଫଖରୁଲ ଇସଲାମ କହିଛନ୍ତି ଯେ, ହିନ୍ଦୁଙ୍କ ହତ୍ୟା କୌଣସି ଛୋଟ ଓ ସାଧାରଣ ଘଟଣା ନୁହେଁ । ଉଲ୍ଲେଖନୀୟ ଯେ, ବାଂଲାଦେଶରେ ସୋମବାର ମଧ୍ୟ ଦୁଇ ଜଣ ହିନ୍ଦୁ ବ୍ୟକ୍ତିଙ୍କୁ ମାରି ଦିଆ ଯାଇଛି । ଏହା ପୂର୍ବରୁ ଆଉ ୪ଜଣ ହିନ୍ଦୁଙ୍କର ମଧ୍ୟ ହତ୍ୟା ହୋଇ ସାରିଛି । ଏହି ସବୁ ଘଟଣା ବାଂଲାଦେଶରେ ରହୁଥିବା ହିନ୍ଦୁଙ୍କ ମଧ୍ୟରେ ଖୁବ୍ ଭୟ ସୃଷ୍ଟି କରିଛି । ଫଖରୁଲ ଇସଲାମ ଏମିତି କହିଛନ୍ତି ଯେ, ଏସବୁ ମିଡ଼ିଆ ଦ୍ୱାରା ସୃଷ୍ଟି । ସିଏନଏନ -ନ୍ୟୁଜ୍୧୮ ମୁତାବିକ , ସେ ହିନ୍ଦୁଙ୍କ ବିରୋଧରେ ହିଂସା ଓ ହିନ୍ଦୁଙ୍କର ହତ୍ୟାର ଘଟଣାକୁ ସଂପୂର୍ଣ୍ଣ ଖାରଜ କରି ଦେଇଛନ୍ତ । ଫଖରୁଲ କହିଛନ୍ତି ଯେ, ଏହା କେବଳ ଛୋଟ ମୋଟ ଘଟଣା ସବୁଯ ବିଏନପି ନେତା ଆହୁରି କହିଛନ୍ତି ଯେ, ହିଂସାର ଘଟଣା କୌଣସି ଏକ ଗୋଷ୍ଠୀ ଯାଏ ସୀମିତ ନାହିଁ । ସେ କହିଛନ୍ତି ଯେ, ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାରରେ ମୁସଲିମ୍ ମଧ୍ୟ ସୁରକ୍ଷିତ ନାହିଁ । ମୁସଲମାନଙ୍କୁ ମଧ୍ୟ ହତ୍ୟା କରାଯାଉଛି ଏବଂ ତାଙ୍କ ସହ ମଧ

ଆଜିକାଲି ଖବର

ବୁଧବାର, ୦୭ ଜାନୁୟାରୀ ୨୦୨୬, ଭୁବନେଶ୍ୱର Wednesday, 07 January 2026, Bhubaneswar

ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାର ୨୩ତମ ସଂସ୍କରଣ:

ନେତୃତ୍ୱ ଏବଂ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୬।୧ (ନି.ପ୍ର) : ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାର ୨୩ତମ ସଂସ୍କରଣ ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାଦିବସ ଅଭିଭାଷଣ ହେଉଛି ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର ଏକ ପ୍ରମୁଖ ବାର୍ଷିକ କାର୍ଯ୍ୟକ୍ରମ ଯାହା କମ୍ପାନୀର ଚିନ୍ତାଧାରା ନେତୃତ୍ୱ ଏବଂ ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବାର ମାଧ୍ୟମ ଅଟେ। ଏହିକ୍ରମରେ ଟାଟାଷ୍ଟିଲ ଲିମିଟେଡର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକଶ୍ରୀଟି. ଭି. ନରେନ୍ଦ୍ରନ 'ନେତୃତ୍ୱ: ରୂପାନ୍ତରର କଳା ବିଷୟବସ୍ତୁ ଉପରେ ପ୍ରତିଷ୍ଠାଦିବସ ଅଭିଭାଷଣ ପ୍ରଦାନ କରିଥିଲେ।

ପ୍ରାରମ୍ଭରେ, ବୈଠକର ଅଧ୍ୟକ୍ଷତା କରି, ନାଲକୋସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାକୁ ଜ୍ଞାନ ଆଦାନପ୍ରଦାନ ଏବଂ ସାମୂହିକ ଶିକ୍ଷାପାଇଁ ଏକଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ବୋଲି ବର୍ଣ୍ଣନା କରିଥିଲେ। ସେ ନାଲକୋର ସମସ୍ତ କର୍ମଚାରୀ, ଚୁକ୍ତିଭିତ୍ତିକକର୍ମଚାରୀ, ଅଂଶୀଦାର ଏବଂ କମ୍ପାନୀର ଦୂରଦୃଷ୍ଟି ସମ୍ପନ୍ନ ପ୍ରତିଷ୍ଠାତା ନେତୃତ୍ୱଙ୍କ ପ୍ରତି ସେମାନଙ୍କର ଅଭିବୃଦ୍ଧି ଯାତ୍ରାରେ ନିରନ୍ତର ଅବଦାନ ପାଇଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ। ଶ୍ରୀସିଂହ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନାଲକୋର ରେକର୍ଡ ପ୍ରଦର୍ଶନ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ନିମନ୍ତେ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଏହି ପ୍ରୟାସ ଯୋଗୁଁ କମ୍ପାନୀ ଭୌତିକ, ବିକ୍ରୟ ଏବଂ ଆର୍ଥିକ କ୍ଷେତ୍ରରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ଉନ୍ନତି ଏକ ନିରନ୍ତର ପ୍ରକ୍ରିୟା ବୋଲି ଉଲ୍ଲେଖ କରିବାସହ ନିରନ୍ତର ଉତ୍କର୍ଷତା ପାଇଁ ଶିକ୍ଷା, ଅନୁକୂଳନ ଏବଂ ସାଂଗଠନିକ ପ୍ରତିବଦ୍ଧତା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ପ୍ରତିଷ୍ଠା ଦିବସ ଅଭିଭାଷଣ ପ୍ରଦାନ କରି, ଶ୍ରୀଟି. ଭି. ନରେନ୍ଦ୍ର ନେତୃତ୍ୱ ପାଇଁ ପରିବର୍ତ୍ତନ, ଅନୁକୂଳନ, ସ୍ଥିରତା, ନବସୃଜନ ଏବଂ ପ୍ରଯୁକ୍ତିର ପ୍ରଭାବଶାଳୀ ବ୍ୟବହାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେଯେ, ଶିଳ୍ପକ୍ଷେତ୍ରରେ ପ୍ରତିଦିନ ନୂଆ ଚ୍ୟାଲେଞ୍ଜରସମ୍ଭାବନାଥାଏ, ତେଣୁ ପରିବର୍ତ୍ତନ ଅତ୍ୟାବଶ୍ୟକ, ବିଶେଷ କରି ବିଶ୍ୱବାଣିଜ୍ୟ ଗତିଶୀଳତା ଏବଂ ଭୂରାଜନୈତିକ ପରିସ୍ଥିତି ବ୍ୟବସାୟ ପରିବେଶକୁ ପ୍ରଭାବିତ କରିଥାଏ। ନେତୃତ୍ୱର ଭୂମିକା ଉପରେ ଆଲୋକପାତ କରି ସେ କହିଥିଲେ ଯେ, ବ୍ୟବସାୟିକ ନେତୃମଣ୍ଡଳୀଙ୍କୁ ରଣନୈତିକ ଯୋଜନା ଏବଂ ସୁଚିନ୍ତିତ ବ୍ୟବସାୟିକ ବିପର୍ଯ୍ୟୟ ପରିଚାଳନା ମାଧ୍ୟମରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିବା ଅତ୍ୟନ୍ତ ଆବଶ୍ୟକ।

ଅଭିବୃଦ୍ଧି ଏକାକୀ ସମ୍ଭବ ନୁହେଁ ବୋଲି ଦର୍ଶାଇବା ସହ ଶ୍ରୀ ନରେନ୍ଦ୍ରନ ସାମାଜିକ ଦାୟିତ୍ୱ ଏବଂ ଦାୟିତ୍ୱବୋଧତାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପ୍ରଯୁକ୍ତିବିଦ୍ୟା ବ୍ୟବହାର ବିଷୟରେ ସେ କହିଥିଲେ ଯେ ପ୍ରଯୁକ୍ତିବିଦ୍ୟା ଉତ୍ପାଦକତାକୁ ବୃଦ୍ଧିକରେ ଏବଂ ନିରନ୍ତର ଦକ୍ଷତାବିକାଶ ଏବଂ ପୁନଃକୌଶଳୀକରଣ ମାଧ୍ୟମରେ ଏହାକୁ ଗ୍ରହଣକରିବାକୁ ପଡ଼ିବ। କାର୍ଯ୍ୟକ୍ରମ ଶେଷରେ ଡା. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ବଳ) ଧନ୍ୟବାଦ ଅର୍ପଣକରିଥିଲେ।

ଏହି କାର୍ଯ୍ୟକ୍ରମରେ ନାଲକୋ କର୍ମଚାରୀଙ୍କ ବ୍ୟତୀତ ବିଭିନ୍ନ ଶିଳ୍ପସଂସ୍ଥାର ବରିଷ୍ଠ ଅଧିକାରୀ, ସରକାରୀ ପ୍ରତିନିଧି ଏବଂ ଶିକ୍ଷାନୁଷ୍ଠାନର ସଦସ୍ୟମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ।

ଉଲ୍ଲେଖନୀୟ ଯେ, ନାଲକୋ ୨୦୦୨ମସିହାରୁ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳା ଆୟୋଜନ କରିଆସୁଛି, ଯାହା ବୌଦ୍ଧିକ ସମ୍ପର୍କ ପାଇଁ ଏକ ସମ୍ମାନଜନକ ମଞ୍ଚରେ ପରିଣତ ହୋଇଛି। ସଂଗଠନ ଏବଂ ବିଭିନ୍ନ ଶିଳ୍ପ ସମୁଦାୟ ମଧ୍ୟରେ ଶିକ୍ଷା, ନବସୃଜନ ଏବଂ ଆଲୋଚନାର ସଂସ୍କୃତିକୁ ଏହିକାର୍ଯ୍ୟକ୍ରମ ପ୍ରୋତ୍ସାହିତ କରୁଛି।

ଆମାଜନ୍ ପେ ପକ୍ଷରୁ ଫିକ୍ସଡ୍ ଡିପୋଜିଟ୍ ର ଶୁଭାରମ୍ଭ

ଭୁବନେଶ୍ୱର,୬।୧: ଆମାଜନ୍ ପେ ପକ୍ଷରୁ ଫିକ୍ସଡ୍ ଡିପୋଜିଟ୍ ର ଶୁଭାରମ୍ଭ କରାଯାଇଛି । ଯାହା ଭାରତରେ ଏହାର ଆର୍ଥିକ ସେବା ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣକୁ ଚିହ୍ନଟ କରୁଛି। ଦୁଇଟି ପ୍ରମୁଖ ଏନବିଏଫସି, ଶ୍ରୀରାମ ଫାଇନାନ୍ସ ଏବଂ ବଜାଜ ଫାଇନାନ୍ସ ଓ ପାଂଚଟି ବ୍ୟାଙ୍କ - ଶିବାଲିକ୍ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ, ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ, ସାଉଥ୍ ଇଣ୍ଡିଆନ୍ ବ୍ୟାଙ୍କ, ସ୍ମାଲସ୍ ଏବଂ ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ସହିତ ରଣନୈତିକ ସହଭାଗୀତା ମାଧ୍ୟମରେ, ଆମାଜନ୍ ପେ ସାରା ଦେଶର ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ ଫିକ୍ସଡ୍ ଡିପୋଜିଟ୍ ବିକଳ୍ପ ଉପଲବ୍ଧ କରିଛି।

ଏହି ପରିପ୍ରେକ୍ଷୀରେ ଆମାଜନ୍ ପେ ର ସିଇଓ, ବିକାଶ ବଂଶଲ କହିଛନ୍ତିଯେ, 'ସ୍ଥାୟୀ ଆୟ ଉପକରଣଗୁଡ଼ିକର ସରଳ ଗଠନ, ଗ୍ୟାରେଂଟି ରିଟର୍ଣ୍ଣ ଏବଂ କମ୍ ବିପଦ ପ୍ରୋଫାଇଲ୍ ହେତୁ ଭାରତରେ ଏହା ଅତ୍ୟନ୍ତ ଲୋକପ୍ରିୟ ରହିଛି । ନୂତନ ବର୍ଷ ଆରମ୍ଭରେ ଏହି ଶୁଭାରମ୍ଭ ସହିତ, ଗ୍ରାହକମାନଙ୍କୁ ସେମାନଙ୍କ ସଂଚୟ ଉପରେ ଉତମ ରିଟର୍ଣ୍ଣ ହାସଲ କରିବାରେ ସାହାଯ୍ୟ କରୁଛୁ । ଏହା ଏକ ବ୍ୟାପକ ଆର୍ଥିକ ସମାଧାନ ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଆମର ଯାତ୍ରାରେ ଆଉ ଏକ ପଦକ୍ଷେପ ଯାହା ଭାରତୀୟ ଗ୍ରାହକଙ୍କ ବିବିଧ ଆବଶ୍ୟକତା ପୂରଣ କରିଥାଏ।' ଗ୍ରାହକମାନେ ଏବେ ଆମାଜନ୍ ପେ ରେ ୧,୦୦୦ ଟଙ୍କାରୁ ଆରମ୍ଭ ହେଉଥିବା ଫିକ୍ସଡ୍ ଡିପୋଜିଟ୍ ଖୋଲିପାରିବେ। ଏକାଧିକ ସହଭାଗୀ ସଂସ୍ଥାର ପ୍ରବେଶ ସୁବିଧା ତଥା ପ୍ରତ୍ୟେକ ପୃଥକ ସଂଚୟ ଆକାଉଂଟ ଖୋଲିବାର ଆବଶ୍ୟକତା ନାହିଁ। ସହଭାଗୀ ସଂସ୍ଥାଗୁଡ଼ିକ ବାର୍ଷିକ ୮% ପର୍ଯ୍ୟନ୍ତ ସୁଧ ହାର ପ୍ରଦାନ କରିବା ସହିତ ସମସ୍ତ ସହଭାଗୀ ବରିଷ୍ଠ ନାଗରିକଙ୍କ ପାଇଁ ଅତିରିକ୍ତ ୦.୫% ସୁଧ ପ୍ରଦାନ କରିଥାଏ । ଶ୍ରୀରାମ ଫାଇନାନ୍ସ ମହିଳା ନିବେଶକଙ୍କ ପାଇଁ ୦.୫% ପର୍ଯ୍ୟନ୍ତ ଅତିରିକ୍ତ ସୁଧ ପ୍ରଦାନ କରିଥାଏ।

ଆଦାନୀ ଫାଉଣ୍ଡେସନ ପକ୍ଷରୁ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଆରମ୍ଭ

ଧାମରା,୬।୧: ଆଦାନୀ ଗ୍ରୁପର ସିଏସ୍ଆର୍ ବିଭାଗ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଭଦ୍ରକ ଜିଲାର ଚାନ୍ଦବାଲି, ଡିହିଡ଼ି ଏବଂ ବାସୁଦେବପୁର ବ୍ଲକରେ ୯୫ ଜଣ ଯକ୍ଷ୍ମା ରୋଗୀଙ୍କୁ ସହାୟତା ପ୍ରଦାନ କରାଯାଇଛି । ଏହି ସହାୟତା ଆ । ଧା । ର ରେ ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ, ସାମୂହିକ ସ୍ୱାସ୍ଥ୍ୟ ଦିଗରେ ନିଜ ପ୍ରତିବଦ୍ଧତାକୁ ପୁଷ୍ଟ କରୁଅଛି । ଏହି ପଦକ୍ଷେପର ଅଂଶ ଭାବେ ଚିକିତ୍ସାଧିନ ଯକ୍ଷ୍ମା ରୋଗୀଙ୍କୁ ସେମାନଙ୍କର ଚିକିତ୍ସା ଏବଂ ଶୀଘ୍ର ଆରୋଗ୍ୟ ପାଇଁ ପୁଷ୍ଟିକର କିଟ୍ ବଣ୍ଟନ କରାଯାଇଥିଲା । ହିତାଧିକାରୀମାନେ ଆଗାମୀ ୬ ମାସ ମଧ୍ୟରେ ପ୍ରତି ମାସରେ ପୁଷ୍ଟିକର ସହାୟତା ପାଇବା ଜାରି ରଖିବେ, ଯାହା ଦ୍ୱାରା ସେମାନଙ୍କର ଚିକିତ୍ସା ସମୟରେ ନିରନ୍ତର ସହାୟତା ଯୋଗାଇ ଦିଆଯିବ । ଜିଲା ପ୍ରଶାସନ, ମୁଖ୍ୟ ଚିକିତ୍ସାଳୟ ଏବଂ ଭଦ୍ରକ ଜିଲା ଯକ୍ଷ୍ମା ପ୍ରକୋଷ୍ଠର ମିଳିତ ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଏବଂ ଏହା ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ସହ ଜଡ଼ିତ ।

ଏହି କାର୍ଯ୍ୟକ୍ରମରେ ଚାନ୍ଦବାଲିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରମୁଖ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା, ଯେଉଁଥିରେ ଡଃ ସନ୍ତୋଷ କୁମାର ପୃଷ୍ଟି, ଏଡିଏମ୍ଓ (ଯକ୍ଷ୍ମା), ଚାନ୍ଦବାଲି ଡଃ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଅଶୋକ କୁମାର ମିଶ୍ର, ଆଦାନୀ ଫାଉଣ୍ଡେସନ ସିଏସ୍ଆର୍ ମୁଖ୍ୟ ଅକ୍ଷୟ କୁମାର ନାୟକ, ଜିଲା କାର୍ଯ୍ୟକ୍ରମ ସଂଯୋଜକ ନିବାସ ରଞ୍ଜନ ପର୍ହି, ପିଏମ୍ଡିଟି ସୁବାସିନୀ ପାଣିଗ୍ରାହୀ, ପିପିଏମ୍ କୋଃ ରାଜେଶ କୁମାର ସାହୁ ଏବଂ ଆଦାନୀ ଫାଉଣ୍ଡେସନର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ, ଆଦାନୀ ଫାଉଣ୍ଡେସନର ସିଏସ୍ଆର୍ ମୁଖ୍ୟ ସ ର କ । ର ଙ୍କ ନେ ତୃ ତ୍ୱ । ଧୀନ ସ୍ୱାସ୍ଥ୍ୟସେବାଗୁଡ଼ିକର କାର୍ଯ୍ୟକାରିତା ଏବଂ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକୁ ସଫଳ ରୂପେ ପହଞ୍ଚାଇବା ପାଇଁ ଆଦାନୀ ଫାଉଣ୍ଡେସନର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ଏହି ପଦକ୍ଷେପ ମାଧ୍ୟମରେ, ଆଦାନୀ ଫାଉଣ୍ଡେସନ ଯକ୍ଷ୍ମାମୁକ୍ତ ଭାରତର ମୁଖ୍ୟ ଲକ୍ଷ୍ୟରେ ଯୋଗଦାନ ଦେବାରେ ସକ୍ରିୟ ଭୂମିକା ଗ୍ରହଣ କରିଆସୁଅଛି ।

ପ୍ରତ୍ୟେକ ଭାରତୀୟଙ୍କ ପକ୍ଷରୁ ଆମେ ବିଶ୍ୱକପ୍ ଚାମ୍ପିଅନମାନଙ୍କୁ ସମ୍ମାନିତ କରୁଛୁ: ଶ୍ରୀମତୀ ନୀତା ଏମ୍ ଅମ୍ବାନୀ

ମୁମ୍ବାଇ,୬।୧: ସୋମବାର ସନ୍ଧ୍ୟାରେ ମୁମ୍ବାଇରେ ରିଲାଏନ୍ସ ଫାଉଣ୍ଡେସନର ପ୍ରୟାସ ତଥା ଏକ ବିଶେଷ କାର୍ଯ୍ୟକ୍ରମ 'ଇଉନାଇଟେଡ୍ ଇନ ଟ୍ରାୟମ୍ଫ' ରେ ଶ୍ରୀମତୀ ନୀତା ଏମ୍ ଅମ୍ବାନୀ ତିନି ବିଶ୍ୱକପ୍ ବିଜେତା ଅଧିନାୟକ - ରୋହିତ ଶର୍ମା, ହରମନପ୍ରୀତ କୌର ଏବଂ ଦୀପିକା ଟିସିଙ୍କ ସହିତ ରେଡ୍ କାର୍ପେଟରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଶ୍ରୀମତୀ ଅମ୍ବାନୀ କହିଥିଲେ, 'ମୁଁ ଭାବୁଛି ଆମେ ନୂତନ ବର୍ଷକୁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଅବସର ସହିତ ଆରମ୍ଭ କରୁଛୁ। ଭାରତର ଏହି ତିନୋଟି କ୍ରିକେଟ୍ ଦଳ, ପୁରୁଷ କ୍ରିକେଟ୍ ଦଳ, ମହିଳା କ୍ରିକେଟ୍ ଦଳ ଏବଂ ଦୃଷ୍ଟିହୀନ କ୍ରିକେଟ୍ ଦଳ ସମସ୍ତେ ଏଠାରେ ଗୋଟିଏ ଛାତ ତଳେ ଅଛନ୍ତି, ଏବଂ ଆମମାନଙ୍କୁ ଏତେ ଆନନ୍ଦ ଓ ଖୁସି ଦେଇଥିବାରୁ ପ୍ରତ୍ୟେକ ଭାରତୀୟଙ୍କ ପକ୍ଷରୁ, ଆମେ ସେମାନଙ୍କୁ ସମ୍ମାନିତ କରିବାକୁ ଯାଉଛୁ।'

ଏହି ଉତ୍ସବର କେନ୍ଦ୍ରବିନ୍ଦୁରେ ଥିଲେ ଭାରତର ତିନି ବିଶ୍ୱକପ୍ ବିଜେତା ଅଧିନାୟକ - ରୋହିତ ଶର୍ମା, ହରମନପ୍ରୀତ କୌର ଏବଂ ଦୀପିକା ଟିସି - ଯାହାଙ୍କ ନେତୃତ୍ୱ, ସ୍ଥିରତା ଏବଂ ବିଶ୍ୱାସ ଐତିହାସିକ ବିଜୟକୁ ଆକାର ଦେଇଛି ଏବଂ ସାରା ଦେଶକୁ ପ୍ରେରଣା ଦେଇଛି।

କ୍ରୀଡାର ଅନନ୍ୟ ଶକ୍ତି ଏବଂ ଏହାର ପରିବର୍ତ୍ତନକାରୀ ପ୍ରଭାବ ବିଷୟରେ କହି ଶ୍ରୀମତୀ ଅମ୍ବାନୀ କହିଛନ୍ତି, 'କ୍ରୀଡା ହୃଦୟ ଏବଂ ଭାରତକୁ ଯୋଡେ। ଆଜି ଆମେ ବିଜୟରେ ଏକଜୁଟ୍ ଅଛୁ। ଆମେ ସେମାନଙ୍କ ସଫଳତାକୁ ଏବଂ ସେମାନଙ୍କ ବିଜୟକୁ ପାଳନ କରିବାକୁ ଯାଉଛୁ।'

ସନ୍ଧ୍ୟାରେ ତିନି ବିଶ୍ୱକପ୍ ବିଜେତା ଦଳର ଖେଳାଳି ଜସପ୍ରିତ ବୁମରା, ସୂର୍ଯ୍ୟକୁମାର ଯାଦବ, ସ୍ମୃତି ମନ୍ଧାନା, ଜେମିମା ରଡ୍ରିଗ୍ସ ଏବଂ ଗଙ୍ଗା କଦମଙ୍କ ସହିତ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର, ସୁନୀଲ ଗାଭାସ୍କର ଏବଂ ରବିଚନ୍ଦ୍ରନ ଅଶ୍ୱିନ, ଅଲିମ୍ପିକ୍ ଏବଂ ପାରାଅଲିମ୍ପିକ୍ କିମ୍ବଦନ୍ତୀ ଖେଳାଳୀ ମୁରଲୀକାନ୍ତ ପେଟକର, ଦୀପା ମଲ୍ଲିକ ଏବଂ ଦେବେନ୍ଦ୍ର ଝାଝରିଆଙ୍କ ସମେତ ଭାରତୀୟ ସିନେମାର ପ୍ରମୁଖ ବ୍ୟକ୍ତିତ୍ୱ ଅମିତାଭ ବଚ୍ଚନ ଏବଂ ଶାହରୁଖ ଖାନ ଏହି କାର୍ଯ୍ୟକ୍ରମରେ ଏକାଠି ହୋଇ ଏକ ଅନନ୍ୟ ଏବଂ ଶକ୍ତିଶାଳୀ ସଙ୍ଗମ ସୃଷ୍ଟି କରିଥିଲେ। ୟୁନାଇଟେଡ୍ ଇନ୍ ଟ୍ରାୟମ୍ଫ ଶ୍ରୀମତୀ ଅମ୍ବାନୀଙ୍କ କ୍ରୀଡ଼ାକୁ ଉତ୍କର୍ଷତା, ଅନ୍ତର୍ଭୁକ୍ତି ଏବଂ ଏକତାର ଶକ୍ତି ଭାବରେ ପ୍ରତିଫଳିତ କରିବାର ଦୃଷ୍ଟିକୋଣ ଏବଂ କେବଳ ବିଜୟ ନୁହେଁ, ବରଂ ଭାରତର କ୍ରୀଡ଼ା ଯାତ୍ରାକୁ ପରିଭାଷିତ କରୁଥିବା ମୂଲ୍ୟବୋଧ ଏବଂ ଉଦ୍ଦେଶ୍ୟକୁ ପାଳନ କରିଥାଏ। ଭାବପ୍ରବଣତା, ସଂଘର୍ଷ ଏବଂ ବିଜୟରେ ପରିପୂର୍ଣ୍ଣ ଅସଂଖ୍ୟ କାହାଣୀ କହୁଥିବା ଚିତ୍ର। ମୁମ୍ବାଇର ୟୁନାଇଟେଡ୍ ଇନ୍ ଟ୍ରାୟମ୍ଫ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀମତୀ ନୀତା ଅମ୍ବାନୀ, ଶ୍ରୀଯୁକ୍ତ ଅମିତାଭ ବଚ୍ଚନ, ଶ୍ରୀଯୁକ୍ତ ସଚିନ ତେନ୍ଦୁଲକର ଏବଂ ଶ୍ରୀଯୁକ୍ତ ଜୟ ଶାହାଙ୍କ ସହିତ ବିଜୟୀ ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳ, ଆଇସିସି ବିଶ୍ୱ ଟି୨୦ ଚାମ୍ପିଅନସିପ୍ ବିଜେତା ଭାରତୀୟ ଦଳର କିଛି ସଦସ୍ୟ ଏବଂ ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍ ବିଜେତା ଭାରତୀୟ କ୍ରିକେଟ୍ ଦଳର ଅନନ୍ୟ ଚିତ୍ର।

ରେକର୍ଡ କୋଚ୍ ଉତ୍ପାଦନ ସହିତ ସୁଲଭ ଯାତ୍ରାକୁ ସୁଦୃଢ଼ କରିଛି ଭାରତୀୟ ରେଳବାଇ

ଉନ୍ନତ ଷ୍ଟେସନ୍, ସୁଲଭ ଟିକେଟ୍ ଏବଂ ୩୦ଟି ଅମୃତ ଭାରତ ଟ୍ରେନ୍ ସେବା ଦ୍ୱାରା ଯାତ୍ରୀଙ୍କ ଆରାମ ଏବଂ ସୁରକ୍ଷା ବୃଦ୍ଧି ପାଇଛି

ନୂଆଦିଲ୍ଲୀ,୬।୧: ଭାରତୀୟ ରେଳବାଇ ସାଧାରଣ ଯାତ୍ରୀଙ୍କ ସୁବିଧାକୁ ପ୍ରାଥମିକତା ଦେଇ ତାହାର ଭିତ୍ତିଭୂମି ଓ ସେବାର ଆଧୁନିକୀକରଣ କରୁଛି। ଏହାର ଲକ୍ଷ୍ୟ ହେଉଛି ଟ୍ରେନ୍ ଯାତ୍ରାକୁ ଅଧିକ ସୁବିଧାଜନକ, ନିରାପଦ ଓ ସୁଲଭ କରିବା। ପୁଞ୍ଜି ନିବେଶ, ପରିଚାଳନା ସଂସ୍କାର ଓ ନୂତନ ପ୍ରଯୁକ୍ତି ମାଧ୍ୟମରେ ରେଳବାଇ ଦୈନନ୍ଦିନ ଯାତ୍ରୀମାନଙ୍କ ପାଇଁ ଯାତ୍ରୀ-ପ୍ରଥମ ଆଭିମୁଖ୍ୟକୁ ଆହୁରି ସୁଦୃଢ଼ କରୁଛି।

ସୁଲଭ ମୂଲ୍ୟରେ ଯାତ୍ରା ସୁବିଧା ବଢ଼ାଇବାକୁ ଭାରତୀୟ ରେଳବାଇ ଅତ୍ୟାଧୁନିକ ସାଧାରଣ ଓ ଅଣ-ଶୀତତାପ ନିୟନ୍ତ୍ରିତ କୋଚଗୁଡ଼ିକର ରେକର୍ଡ ଉତ୍ପାଦନ କରିଛି। ଯାତ୍ରୀ-ଅନୁକୂଳ ସୁବିଧା ସହିତ ସଜ୍ଜିତ ଏହି କୋଚଗୁଡ଼ିକ ଯାତାୟାତ ସହଜ କରିବା ସହ ପରିବହନ କ୍ଷମତାକୁ ମଧ୍ୟ ବଢ଼ାଇଛି। ଏହା ରେଳବାଇର ସୁଲଭ ଓ ସମାବେଶୀ ଯାତ୍ରା ପ୍ରତି ପ୍ରତିବଦ୍ଧତାକୁ ପ୍ରମାଣ କରିଥାଏ।

ଏହାକୁ ଆଧାର କରି ଭାରତୀୟ ରେଳବାଇ ଯାତ୍ରୀ ପରିବହନକୁ ଆହୁରି ମଜବୁତ ଓ ଆଧୁନିକ କରିବା ପାଇଁ, ଚଳିତ ଏବଂ ଆସନ୍ତା ଆର୍ଥିକ ବର୍ଷଗୁଡ଼ିକରେ କୋଚ୍ ଉତ୍ପାଦନ କାର୍ଯ୍ୟକ୍ରମକୁ ନିରନ୍ତର ଜାରି ରଖିଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ, ଯାହା ପୂର୍ବରୁ ଏହାର ଶେଷ ତ୍ରୟମାସିକରେ ଅଛି, ଉତ୍ପାଦନ ଯୋଜନାରେ ୪,୮୩୮ଟି ନୂତନ ଏଲଏଚବି ଜିଏସ ଏବଂ ଅଣ ଶୀତତାପନିୟନ୍ତ୍ରିତ କୋଚ୍ (ଏଲଏସ କୋଚ୍-୨୮୧୭, ଏଲଏସସିଏନ କୋଚ୍-୨୦୨୧) ପ୍ରଦାନ କରାଯାଇଛି। ୨୦୨୬-୨୭ ବର୍ଷ ପାଇଁ, ଉତ୍ପାଦନ ଲକ୍ଷ୍ୟ ହେଉଛି ୪,୮୦୨ଟି ଏଲଏଚବି କୋଚ୍ (ଏଲଏସ କୋଚ୍-୨୬୩୮, ଏଲଏସସିଏନ କୋଚ୍-୨୧୬୪) । ଏହି ଯୋଜନାବଦ୍ଧ ଉତ୍ପାଦନର ଉଦ୍ଦେଶ୍ୟ ହେଉଛି ସୁରକ୍ଷା, ଆରାମ ଏବଂ ଟ୍ରେନ୍ ସେବାର ସାମଗ୍ରିକ ଗୁଣବତ୍ତା ବୃଦ୍ଧି କରିବା ସହିତ ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା। ଉତ୍ସବ ଏବଂ ଋତୁକାଳୀନ ଭିଡ଼ ପରିଚାଳନା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନାର ଅଭୂତପୂର୍ବ ପଦକ୍ଷେପ ଗ୍ରହଣ କରାଯାଉଛି । ଋତୁକାଳୀନ ଏବଂ ଉତ୍ସବର ଭିଡ଼କୁ ପରିଚାଳନା କରିବା ପାଇଁ, ଭାରତୀୟ ରେଳବାଇ ୨୦୨୫ରେ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ୪୩,୦୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରା ରେକର୍ଡ କରାଯାଇଥିଲା, ଯେଉଁଥିରେ ମହାକୁମ୍ଭ ପାଇଁ ୧୬,୩୪୦, ହୋଲି ପାଇଁ ୧,୧୪୪, ଗ୍ରୀଷ୍ମ ସ୍ୱତନ୍ତ୍ର ଏବଂ ଛଟ୍ ପୂଜା ପାଇଁ ୧୨,୩୮୩ ଅନ୍ତର୍ଭୁକ୍ତ ଥିଲା, ଯାହା ଯାତ୍ରୀଙ୍କ ସୁଗମ ଗତିବିଧି ଏବଂ ବ୍ୟସ

ଯୋଡ଼ା ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢ଼ାଉ

ଯୋଡ଼ା, ୬।୧ (ନି.ପ୍ର) : କେନ୍ଦୁଝର ଜିଲ୍ଲାରେ ଅବୈଧ ମଦ ଉତ୍ପାଦନ ଓ ବିକ୍ରୟ ବିରୋଧରେ ଅବକାରୀ ବିଭାଗ ଦ୍ୱାରା ଚାଲିଥିବା କଡା କାର୍ଯ୍ୟାନୁଷ୍ଠାନ ଆହୁରି ଜୋରଦାର ହୋଇଛି । ଜିଲ୍ଲା ମୁଖ୍ୟ ଅବକାରୀ ଅଧିକ୍ଷକ ଶ୍ରୀ ତେଜ ରାଜ ଯାନୀଙ୍କ ସ୍ପଷ୍ଟ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ଉପଖଣ୍ଡ ଅବକାରୀ ଅଧିକାରୀଙ୍କ ଇନ୍‌ସପେକ୍ଟର ଏଚ୍.ଜାଗା ରାଓ ଙ୍କ ଉପସ୍ଥିତିରେ ମଙ୍ଗଳବାର ଯୋଡ଼ା ଅଞ୍ଚଳରେ ବଡ଼ ଧରଣର ମିଳିତ ଚଢ଼ାଉ କରାଯାଇଛି ।

ଯୋଡ଼ା ଅବକାରୀ ଓ.ଆଇ.ସି. ଶ୍ରୀ ସୁଭ୍ରମ ବିଶ୍ୱାଳଙ୍କ ନେତୃତ୍ୱରେ ଯୋଡ଼ା ପୋଲିସ ଓ ବାମେବାରୀ ପୋଲିସର ସକ୍ରିୟ ସହଯୋଗରେ ବନ୍ଧୁଆବେଡା ଏବଂ କେଞ୍ଚହୋଟିଂ ଅଞ୍ଚଳକୁ ଟାର୍ଗେଟ୍ କରି ଏହି ଚଢ଼ାଉ କରାଯାଇଛି ।ଦୀର୍ଘ ସମୟ ଧରି ଏହି ଅଞ୍ଚଳରେ ଅବୈଧ ମଦ ପ୍ରସ୍ତୁତି ଓ ଚୋରାଚାଲା ହେଉଥିବା ନେଇ ଅଭିଯୋଗ ମିଳୁଥିଲା । ଚଢ଼ାଉ ସମୟରେ ଜଙ୍ଗଲ ଏବଂ ଜନବସତି ନିକଟରେ ଲୁଚାଇ ରଖାଯାଇଥିବା ପ୍ରାୟ ୫୦ ଲିଟର ମହୁଲି ପଚ୍ ଏବଂ ପ୍ରାୟ ୮୦୦ ଲିଟର ଦେଶୀ ମଦ ସଫଳତାର ସହିତ ଜବତ କରି ନଷ୍ଟ କରିଥିବା ଜଣାପଡ଼ିଛି । ଏହି ଅଭିଯାନ ଦ୍ୱାରା ଅବୈଧ ମଦ କାରବାରୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି ହୋଇଥିବା ବେଳେ, ସାଧାରଣ ଲୋକେ ଅବକାରୀ ବିଭାଗ ଓ ପୋଲିସର ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି । ଅବୈଧ ମଦ ଯୋଗୁଁ ସାମାଜିକ ଅସ୍ଥିରତା, ଦୁର୍ଘଟଣା ଓ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଥିବାରୁ ଏପରି କଡା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି। ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ ଯେ, ଆଗାମୀ ଦିନରେ ଯୋଡ଼ା, ଚମ୍ପୁଆ ଓ ଆଖପାଖ ଅଞ୍ଚଳରେ ଏପରି ଅଚାନକ ଚଢ଼ାଉ ଆହୁରି ତୀବ୍ର କରାଯିବ । ଅବୈଧ ମଦ ବ୍ୟବସାୟରେ ଜଡିତ ଲୋକଙ୍କ ବିରୋଧରେ କଡା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ କର୍ତ୍ତୃପକ୍ଷ ସଚେତନ କରାଇଛନ୍ତି।

ସୁନାବେଡା ନଗର ସଭାପତିଙ୍କ ନେତୃତ୍ୱରେ ବିଜେପିର ମିଶ୍ରଣ ପର୍ବ

ଯୋଗଦେଲେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ମହିଳା ଓ ଯୁବକ

କୋରାପୁଟ, ୬।୧ (ନି.ପ୍ର): ରାଜନୈତିକ ଦଳ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା ସେଥିରେ ୫ ଶହରୁ ଉର୍ଦ୍ଧ୍ୱ ମହିଳା ଓ ଯୁବକମାନେ ଯୋଗଦାନ କରିବା ସହ ଦଳର ଆଭିମୁଖ୍ୟକୁ ବୁଝି ପାରି ନେତାମାନଙ୍କ ସହ ମିଶି ରାଜ୍ୟ ତଥା ଦେଶର ବିକାଶ ଓ ଉନ୍ନତିରେ ସହ ଯୋଗ କରିବା ନେଇ ନିଷ୍ପତି ନେଇଛନ୍ତି । ବିଜେପିର ଦୃଢ ନେତୃତ୍ୱ ଏବଂ ଲୋକ ପ୍ରୀୟତା, ବିଶେଷ କରି ନରେନ୍ଦ୍ର ମୋଦିଙ୍କ ପରି ନେତାଙ୍କ ଅଧିନରେ ନିର୍ବାଚନରେ ଦଳର ବାରମ୍ବାର ସଫଳତା ସହ ଯେଉଁମାନେ ବିଶ୍ୱାସ କରନ୍ତି ଯେ, ବିଜେପି ଲୋକଙ୍କ ସେବା କରିବା ଏବଂ ଜନ ସମର୍ଥନ ହାସଲ କରିବା ପାଇଁ ଭଲ ସୁଯୋଗ ପ୍ରଦାନ କରିବାର ଏକ ରାସ୍ତା । ବିଜେପିରେ ଆଦର୍ଶଗତ ସମନ୍ୱୟ ସହ ଜାତୀୟତାବାଦ, ବିକାଶ, ସୁଶାସନ ଏବଂ ସାସ୍କୃତିକ ପରିଚୟ ଉପରେ ରାଜନୈତିକ ଦଳ ମାନଙ୍କ ତୁଳନାରେ ସେମାନଙ୍କ ନିଜସ୍ୱ ବିଶ୍ୱାସ ସହିତ ଅଧିକ ଲୋକପ୍ରିୟତା ହେଉଛି । ବିକାଶ ଭିତିଭୂମି ଏବଂ ଅର୍ଥନୈତିକ ସଂସ୍କାର ଉପରେ ବିଜେପିର ଧ୍ୟାନ ଦେଶରେ ପ୍ରକୃତ ପରିବର୍ତ୍ତନ ଆଣିପାରିବ ଆହୁରି କିଛି କ୍ଷେତ୍ରରେ ଅନ୍ୟ ରାଜନୈତିକ ଦଳମାନଙ୍କ ଆଭ୍ୟନ୍ତରୀଣ ଦ୍ୱନ୍ଦ, ସ୍ୱିକୃତିର ଅଭାବ କିମ୍ବା ନେତୃତ୍ୱର ପ୍ରିତି

ଅସନ୍ତୋଷ ଯୋଗୁଁ ନିଜକୁ ବିଜେପି ଦଳରେ ସାମିଲ କରିବା ନେଇ ମିଶ୍ରଣ ପର୍ବ ଏକ ମଂଚ ଥିବା ନେଇ ହାତ ମିଶାଇସମର୍ଥନ ଜଣାଇବା ସହ ଦଳରେ ମିଶିଥିଲେ । ଅନ୍ୟ ପକ୍ଷରେ ସ୍ଥାନୀୟ ସୁନାବେଡା ନଗର ସଭାପତି ଟୁନାଖରାଙ୍କ ଅଗାଢ ଲୋକପ୍ରୀୟତା , ଆତ୍ମୀୟତା ଓ ଦଳର ନେତୃତ୍ୱ ଲୋକଙ୍କୁ ଦଳ ଆଡକୁ ଟାଣିବାରେ ସକ୍ଷମ ହୋଇପାରିଛି । ମିଶ୍ରଣରେ ପର୍ବରେ ଯୋଗଦାନ କରିଥିବା ମହିଳା ଓ ପୁରୁଷବ୍ୟକ୍ତିବିଶେଷମାନେ ନଗର ସଭାପତିଙ୍କ ଭଲ ନେତୃତ୍ୱକୁ ଠିକ୍ ଭାବରେ ବୁଝିପାରି ହାତ ମିଶାଇଛନ୍ତି । ନଗର ସଭାପତି ଟୁନା ଖରାଙ୍କ ନେତୃତ୍ୱ ସଂପ୍ରଦାୟର ଅଭିବୃଦ୍ଧି, ଏକତା ଏବଂ ବିକାଶ ପାଇଁ ଜଣେ ରାଜନୈତି ନେତା ଭାବରେ ନୁହେଁ ବରଂ ଲୋକଙ୍କ ଆବଶ୍ୟକତା, ମୂଲ୍ୟବୋଧ ଏବଂ ଆକାଂକ୍ଷାର ପ୍ରତିନିଧି ଭାବରେ ମଧ୍ୟ କାର୍ଯ୍ୟକରନ୍ତି । ସେ ଏକ ଭଲ ନଗର ସଭାପତି , ସଚ୍ଚୋଟତା ଏବଂ ସ୍ୱଚ୍ଛତାର ସହିତ ନେତୃତ୍ୱ ନିଅନ୍ତି, ସେ ଯେଉଁ ଲୋକମାନଙ୍କୁ ସେବା କରନ୍ତି ସେମାନଙ୍କ ପ୍ରତି ଉତର ଦାୟି ରହୁଥିବା ନେଇ ଜନସାଧାରଣଙ୍କ ବିଶ୍ୱାସ ସୃଷ୍ଟି କରେ ଓ ସେମାନେ ପ୍ରତିନିଧିତ୍ୱ କରୁଥିବା ରାଜନୈତିକ ଦଳପ୍ରତି ବିଶ୍ୱାସ ଦୃଢକରେ । ଜଣେ ଭଲ ନଗର ସଭାପତି ଶିକ୍ଷା, ସ୍ୱାସ୍ଥ୍ୟସେବା ଭିତି ଭୂମି ଏବଂ ଜନସାଧାରଣ ସୁରକ୍ଷା ଭଳି ସାର୍ବଜନୀନ ସେବାକୁ ଉନ୍ନତ କରିବାପାଇଁ କାର୍ଯ୍ୟ କରନ୍ତି ଏହା ସହ ସେ ଶୃଙ୍ଖଳା, ଆଇନ ପ୍ରତି ସମ୍ମାନ ଏବଂ ଜନସାଧାରଣଙ୍କ ସେବା ପ୍ରତି ସମର୍ପଣ ପ୍ରଦର୍ଶନ କରନ୍ତି । ନୈତିକ ଆଚରଣ ଦଳୀୟ ସେବା ମାଧ୍ୟମରେ ଜଣେ ନଗର ସଭାପତି ରାଜନୈତିକ ଦଳ ଏବଂ ସମଗ୍ର ସଂପ୍ରଦାୟକୁ ମଜବୁତ କରିବାରେ ବେଶ ଭୂମିକା ରହିଛି । ବିଜେପିର ଦଳର ଆଭିମୂକ୍ୟକୁ ବିଝି ପାରିବା ସହ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରିଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ବିଜେପି ଦଳକୁ ସଂଗଠିତ କରିବା ସହ ମଜବୁତ କରିବା ଉଦ୍ଦ୍ୟେଶ ରଖି ଆଜି ସୁନାବେଡା ମୁନିସପାଲଟିର କଲ୍ୟାଣି ମଣ୍ଡପ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ସୁନାବେଡା ନଗର ସଭାପତିଙ୍କ ପୌରହିତ୍ୟରେ କରାଯାଇଥିଲା । ମିଶ୍ରଣ ପର୍ବରେ ୪ ଶହ ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷମାନେ ମିଶିଥିଲେ । ମିଶିଥିବା ମାନଙ୍କ ମଧ୍ୟରେ ଯୁବସମାଜର ଆଗାମି ଭବିଷ୍ୟତ କୁହାଯାଉଥିବା ଯୁବ ସମାଜର ଆଗଧାଡିର ନତୃତ୍ୱ ନେଉଥିବା ଆଦିତ୍ୟ ହନ୍ତାଳ ସହ ଅନେକ ସହକର୍ମିମାନେ ଉପସ୍ଥିତ ରହିଥିଲେ ।ଏହି ସମୟରେ ବିଜେପିର ରାଜ୍ୟ ସାଧାରଣ ସଂପାଦିକା ଶ୍ରୀମତି ପୂର୍ଣ୍ଣିମା ନାୟକ, ରାଜ୍ୟ ଏସିମୋର୍ଚ୍ଚା ସଂପାଦକ ଜଳନ୍ଧର ଖିଲୁ, ଜିଲ୍ଲା ସଭାପତି ଶିବ ମୁଦୁଲି, ଜିଲ୍ଲା ସାଧାରଣ ସଂପାଦକ ଚୈତନ ମୁଦୁଲି, ଜିଲ୍ଲା ସଂପାଦିକ ସନ୍ତୋଷିନୀ ଜେନା, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ସଂପାଦକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଜିଲ୍ଲା ଉପସଭାପତି ଅଂଜଳି ମିଶ୍ର, ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁରଭି ପାଣି, ପୂର୍ବତନ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ. ଜୟରାମ ଗରଡା, ସୁନାବେଡା ମଣ୍ଡଳ ସଭାପତି ଟୁନା ଖରା, ଉପସଭାପତି ଗୋବିନ୍ଦ କଂଟା, ସାଧାରଣସଂପାଦକ ଶ୍ରୀମାଂଚଳ ପାତ୍ର, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ବି. ଉମାଶଙ୍କର , ଜିଲ୍ଲା ଆଇଟିସେଲ ବଦ୍ରିନାରାୟଣ ପାତ୍ର ଙ୍କ ସହ ଭଗବାନ ମୁଦୁଲି, ରଶ୍ମିତା ଟାକିରିଙ୍କ ଭଳି ଶତାଧିକ କର୍ମିମାନେ ଉପସ୍ଥତ ରହିଥିଲେ ।

ପାଣି ପଞ୍ଚାୟତ ପକ୍ଷ ଉପଲକ୍ଷେ ସଚେତନତା ରଥ

ଅନୁଗୋଳ, ୬।୧ (ନି.ପ୍ର) : ଜଳର ସୁପରିଚାଳନା ଓ ସୁବିନିଯୋଗ ପାଇଁ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ରାଜ୍ୟ ଜଳ ସମ୍ପଦ ବିଭାଗ ତରଫରୁ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି । ଏହି ଉପଲକ୍ଷେ ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ଚଳିତ ମାସ ଜିଲ୍ଲାର

ସମସ୍ତ ବ୍ଲକ୍ ମୁଖ୍ୟାଳୟ ସହିତ ଅନ୍ୟାନ୍ୟ ଜଳସେଚନ ବିଭାଜନ ଭ୍ରମଣ କରି ଜନସାଧାରଣଙ୍କୁ ସଚେତନ କରାଇବ । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜଳ ସେଚନ ବିଭାଗର କର୍ମଚାରୀ, ପାଣି ପଞ୍ଚାୟତର ସଦସ୍ୟ, ଉଠାଜଳ ସେଚନ ବିଭାଜନର ନିର୍ବାହୀଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଅନୁଗୋଳ, ୬।୧ (ନି.ପ୍ର) : ୭୭ ତମ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିଷ୍ପତ୍ତି ମୁତାବକ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବ ଅନୁଗୋଳ ପି ଟି ସି ପଡିଆ ଠାରେ ଆୟୋଜନ କରାଯିବ । ସେହିପରି ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ରାମଧୁନ ଗାନ କରାଯାଇ ସହର ପରିକ୍ରମା କରାଯିବ । ସକାଳ ୬.୩୦ ମିନିଟରୁ ୭ ଘଟିକା ମଧ୍ୟରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଂକ ଦ୍ୱାରା ପ୍ରଭାତଫେରୀ କରାଯିବ । ଏହାଛଡା ବିଭିନ୍ନ ଅନୁଷ୍ଠାନରେ ସକାଳ ୭.୩୦ ଘଟିକା ସମୟରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ନିର୍ଦ୍ଧାରିତ ସମୟ ସକାଳ ୯.୧୫ ମିନିଟ୍ ସମୟରେ ପି ଟି ସି ପଡିଆ ଠାରେ ରାଜ୍ୟ ସରକାରଂକ ଦ୍ୱାରା ସ୍ଥିରିକୃତ ମୁଖ୍ୟ ଅତିଥି ? ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ କ୍ୟାଡେଟମାନଂକ ଠାରୁ ଅଭିବାଦନ ଗ୍ରହଣ କରିବେ । ଆନୁଷ୍ଠାନିକ ପରେଡ ମାର୍ଚ୍ଚ ପାଷ୍ଟ

ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଂକ ଦ୍ୱାରା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ମୁଖ୍ୟ ଉତ୍ସବ ଦିନ ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୁଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସ୍କୁଲ ଓ କଲେଜର ଛାତ୍ର ଛାତ୍ରୀମାନଂକ ମଧ୍ୟରେ ବକ୍ତୃତା ଓ ଦେଶାତ୍ମବୋଧକ କଣ୍ଠ ସଂଗୀତ ପ୍ରତିଯୋଗିତା ଚଳିତ ମାସ୧୫ ଓ ୧୬ ତାରିଖରେ ଏବଂ ପ୍ରି-ସ୍କୁଲ ଛାତ୍ର ଛାତ୍ରୀମାନଂକ ମଧ୍ୟରେ ଚିତ୍ରାକନ(ରଂଗଭରୋ) ପ୍ରତିଯୋଗିତା ୧୬ ତାରିଖରେ ଅନୁଷ୍ଠିତ ହେବ । ପ୍ରଥମ ରୁ ପଂଚମ ଶ୍ରେଣୀ ଛାତ୍ରଛାତ୍ରୀମାନଂକ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ଓ ଷଷ୍ଠ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଂକ ମଧ୍ୟରେ ଏକକ ଅଭିନୟ ପ୍ରତିଯୋଗିତା ସାଧାରଣତନ୍ତ୍ର ଦିବସ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ଅପରାହ୍ନ ୪.୦୦ ଘଟିକାରେ ଅନୁଷ୍ଠିତ ହେବ । ଏହାଛଡା ପରେଡ ଅଭ୍ୟାସ ଚଳିତ ମାସ ୨୨,୨୩ ଓ ୨୪ ତାରିଖରେ ପିଟିସି ପଡିଆରେ ସକାଳ ୮ ଘଟିକା ସମୟରେ ଅନୁଷ୍ଠିତ ହେବ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୋଗୀମାନଂକୁ ଫଳ ବଣ୍ଟନ କରାଯିବ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉପାସନା ପାଢି, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା, ଡି ଏସପି (ଡିଆଇବି) ଶ୍ରୀ ତ୍ରିଭ ରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀ, ସରକାରୀ ଓ ବେସରକାରୀ ବିଭାଗର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ବୁଦ୍ଧିଜିବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ଜଗତସିଂହପୁର, ୬।୧ (ନି.ପ୍ର): ଚାଷୀମାନଙ୍କୁ ସଙ୍ଗଠିତ କରିବା ସହ ପାଣିପଞ୍ଚାୟତ ମାଧ୍ୟମରେ ସେମାନେ ଜଳସେଚନ ସୁବିଧା ପାଇ ଯେଭଳି ସ୍ୱାବଲମ୍ବୀ ହୋଇପାରିବେ, ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲା ଜଳ ସମ୍ପଦ ବିଭାଗ ତରଫରୁ ଚଳିତ ମାସ ୬ ତାରିଖ ଠାରୁ ଜଗତସିଂପୁର ଜିଲ୍ଲା ରେ ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଉଛି । ସେହି ପରିପ୍ରେକ୍ଷୀରେ, ଆଜି ପୂର୍ବାହ୍ନ ରେଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଏକ ବିଭାଜନ ସ୍ତରୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ, ମାନ୍ୟବର ସାଂସଦ,ଜଗତସିଂହପୁର ଶ୍ରୀ ବିଭୁ ପ୍ରସାଦ ତରାଇ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀ ମନୋଜ କୁମାର ଭୋଇ,ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ଅଧିକ୍ଷଣ ଯନ୍ତ୍ରୀ, ମହାନଦୀ ଦକ୍ଷିଣ ବିଭାଜନ,କଟକ ୧ , ଶ୍ରୀ ସିଦ୍ଧାର୍ଥ ଶେଖର , ଅଧିକ୍ଷଣ ଯନ୍ତ୍ରୀ ଜଗତସିଂହପୁର ଶ୍ରୀ ବିପ୍ଳବ କେଶରୀ ସାହୁ ଯୋଗ ଦେଇଥିଲେ ।

ପ୍ରତ୍ୟକ୍ଷ ଯୋଗଦାନ ଓ ସହଭାଗୀ ଜଳସେଚନ ପରିଚାଳନା ମାଧ୍ୟମରେ ଉପଲବ୍ଧ ସେଚ ଜଳର ସୁପରିଚାଳନା , ସୁଷମ ବଣ୍ଟନ ଓ ସଂରକ୍ଷଣ ନିହାତି ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଶ୍ରୀ ତରାଇ ପ୍ରକାଶ କରିଥିଲେ । ପାଣି ପଞ୍ଚାୟତ କୁ ଅଧିକ କ୍ରିୟାଶୀଳ କରି କେନାଲ ର ଶେଷ ମୁଣ୍ଡ ରେ ଥିବା ଜମି ଗୁଡିକୁ ବିନା ବାଧା ରେ ଜଳ ଯୋଗାଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

ନିଜ ବକ୍ତବ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ଭୋଇ ପାଣି ପଞ୍ଚାୟତ ର ସଫଳ ରୂପାୟନ ଓ କାର୍ଯ୍ୟକାରିତା ଦ୍ୱାରା ଚାଷୀ ଭାଇ ମାନଙ୍କ ର ଅନେକ ସମସ୍ୟା ର ସମାଧାନ ହୋଇପାରିବ ବୋଲି କହିଥିଲେ । ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ପାଣି ପଂଚାୟତର କାର୍ଯ୍ୟକାରିତା, ଉପାଦେୟତା ବିଷୟରେ ଅବଗତ କରାଇବା ସହିତ କୃଷିଜୀବୀଙ୍କ ଗୁଣାତ୍ମକ ମାନ ବୃଦ୍ଧି ରେ ଏହା ସହାୟକ ବୋଲି କହିଥିଲେ । ସମସ୍ତଙ୍କ ସହଯୋଗ ରେ ହିଁ ଏହାର କାର୍ଯ୍ୟକାରିତା ସଫଳ ହୋଇପାରିବ ବୋଲି ସେ ମତ ଦେଇଥିଲେ । ସଭାରେ ବନ୍ୟା ସମ୍ପର୍କରେ ସମୟଭିତ୍ତିକ ପ୍ରାକ୍ ସ୍ଥିତିର ସଠିକ ଆକଳନ କରିବା, ଶିଳ୍ପ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ଅନଲାଇନ୍ ବ୍ୟବସ୍ଥାରେ ଜଳ ଆବଣ୍ଟନ, ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗରେ ବିଭାଗୀୟ ବିଭିନ୍ନ କାର୍ଯ୍ୟର ତଦାରଖ ବ୍ୟବସ୍ଥାକୁ ଦକ୍ଷତାର ସହ ନିର୍ବାହ କରିବା, ଭୂତଳ ଜଳର ସଠିକ ମାତ୍ରା ଜାଣିବା ବିଷୟ ରେ ଆଲୋଚ୍ନା କରଯାଇଥିଲା । ପୌର ଅଧ୍ୟକ୍ଷା ଜଳ ସମ୍ପଦର ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଅଧିକ ଜ୍ଞାନ ସମ୍ପନ୍ନ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କ ସହଭାଗିତାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ତାଳଦଣ୍ଡା ସେଚ୍ଅଞ୍ଚଳ ଓ ମାଛଗାଁ ସେଚ୍ଅଞ୍ଚଳ ଅନ୍ତର୍ଗତ ସମସ୍ତ ପାଣି ପଞ୍ଚାୟତ ର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ , ଜିଲ୍ଲା ସ୍ତରୀୟ ଅଧିକାରୀ ଅଧିକାରୀ, ଜଳ ସଂପଦ ବିଭାଗର ଯନ୍ତ୍ରୀ, କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଥିଲେ ।

ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ରେ ପାଣିପଞ୍ଚାୟତ ସଚେତନତା ରଥ ମାନ୍ୟବର ସାଂସଦ, ଜଗତସିଂହପୁର, ଶ୍ରୀ ବିଭୁ ପ୍ରସାଦ ତରାଇ ଙ୍କ ଦ୍ୱାରା ଉତ୍ସାହିତ ହୋଇଥିଲା । ଯାହା ଏହି ପକ୍ଷରେ ଜିଲ୍ଲାର ତାଳଦଣ୍ଡା ଓ ମାଛଗାଁ କେନାଲ୍ ର ସମସ୍ତ ସେଚାଞ୍ଚଳ ରେ ୪ଦିନ ଧରି ପରିଭ୍ରମଣ କରି ପ୍ରତ୍ୟେକ ବିଭାଜନରେ ମଧ୍ୟ ବୁଲିବା ସହିତ ଜନସାଧାରଣ ମାନଙ୍କୁ , ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ, ଜଳସେଚନ ପ୍ରଣାଳୀର ସୁପରିଚାଳନା ବିଷୟରେ ବୁଝାଇବାରେ ସହାୟକ ହେବ । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଶ୍ରୀ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ,ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ମହାନଦୀ ଦକ୍ଷିଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ ଜଗତସିଂହପୁର, ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ରଥ ର ଶୁଭାରମ୍ଭ କରିଥିଲେ ।

'ସ୍

ଉତ୍କଳ ଗୋପାଳ ସମାଜର ଇଂରାଜୀ ନବବର୍ଷ ଉପଲକ୍ଷେ ବନ୍ଧୁମିଳନ କାର୍ଯ୍ୟକ୍ରମ

ରାୟଗଡ଼ା, ୬।୧ (ନି.ପ୍ର): ଉତ୍କଳ ଗୋପାଳ ସମାଜ ତରଫରୁ ଇଂରାଜୀ ନବବର୍ଷ ଉପଲକ୍ଷେ ରାଜ୍ୟ ଫାଉଣ୍ଡର କମିଟିର ପ୍ରୟାସ କ୍ରମେ ଓ ଜିଲ୍ଲା ବ୍ଲକ ପଦାଧିକାରୀ ମାନଙ୍କ ସହଯୋଗ କ୍ରମେ ଶ୍ରୀକ୍ଷେତ୍ରଧାମ ପୁରୀ ଅନୁପୂର୍ଣ୍ଣା ଥିଏଟରରେ ୨୫ଟି ଜିଲ୍ଲାକୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇ ଥିଲା ପ୍ରଥମେ ଭଗବାନ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟ ଦ୍ୱୀପ ପ୍ରଜ୍ୱଳନ ସହିତ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଏହି ବନ୍ଧୁମିଳନ ପର୍ବରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ, ବଲାଙ୍ଗୀର, ସୁବର୍ଣ୍ଣପୁର, ରାୟଗଡ଼, କୋରାପୁଟ,କଳାହାଣ୍ଡି,ମାଲକାନଗିରି, ନବରଙ୍ଗପୁର, ଗଜପତି, କନ୍ଧମାଳ, ନୟାଗଡ଼, ଜଗତସିଂହପୁର, କଟକ, ଢେଙ୍କାନାଳ,ଅନୁଗୋଳ, ନୂଆପଡା, ସମ୍ବଲପୁର ଇତ୍ୟାଦି ଜିଲ୍ଲା ଗୁଡିକର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଗୋପାଳ ଜାତିର ଭାଇ ଭଉଣୀମାନଙ୍କ ସହିତ ସ୍ନେହ, ଶ୍ରଦ୍ଧା ଓ ଭାବକୁ ଯୋଡି ପାରିଥିଲେ। ଏହି ବୈଠକରେ ଉପସ୍ଥିତ ଥିବା ସମସ୍ତ କର୍ମକର୍ତ୍ତା ଓ ଜାତିପ୍ରେମୀ ମାନଙ୍କୁ ଉତ୍କଳ ଗୋପାଳ ସମାଜ ତରଫରୁ ଧନ୍ୟବାଦ ଅର୍ପଣ କରାଯାଉଛି। ଗୋପାଳ ଜାତିର ସମୂହ ଉନ୍ନତି ଉତ୍କଳ ଗୋପାଳ ସମାଜର ମୁଖ୍ୟ ଲକ୍ଷ୍ୟ କରିବା ସହ ପ୍ରତ୍ୟକ ଜିଲ୍ଲାର ସଭାପତି ନିଜ ନିଜ ଜିଲ୍ଲାର ଉନ୍ନତି ପାଇଁ ନିଜ ନିଜର ମତାମତ ରଖିଥିଲେ।

ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ନବରଙ୍ଗପୁର, ୬।୧ (ନି.ପ୍ର): ଜିଲ୍ଲା ସଦର ମହକୁମା ନବରଙ୍ଗପୁର ଠାରେ ଆସନ୍ତା ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନ କୁମାର ଖୁଣ୍ଟିଆ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବିଶ୍ୱଜିତ ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଡି ଏସ ପି ସରୋଜ ପୁନମ୍ କୀସ୍ଟ ?ଟା ଙ୍କ ସମେତ ଆମନ୍ତ୍ରିତ ବିଭିନ୍ନ ଶିକ୍ଷାନଷ୍ଠାନର କର୍ମକର୍ତ୍ତା, ଦିବସ ପାଳନ ସହ ସଂପୃକ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ,ସହରର ବୁଦ୍ଧିଜୀବୀ ତଥା ଗଣମାଧ୍ୟମ ପ୍ରତନିଧି ଉପସ୍ଥିତ ଥିଲେ । ଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ପୂର୍ବକ ଆସନ୍ତା ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସୁଚିନ୍ତିତ ମତାମତ ,ଶାନ୍ତି ଶୃଙ୍ଖଳା ଓ ଉତ୍ସାହ ର ସହ ପାଳନ ଓ ସହଯୋଗ କୁ ଗୁରୁତ୍ୱ ଦେଇଥିଲେ।ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଦିବସ ପାଳନର କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ।

ସାଧାରଣତନ୍ତ୍ର ଦିବସରେ ସକାଳ ୪.୩୦ ମି ସମୟରେ ରାମଧୂନ୍, ସକାଳ ୭.୩୦ ମି ସମୟରେ ସହର ସ୍ଥିତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ୭.୩୦ ମି. ସମୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ଏବଂ ସକାଳ ୦୮. ୩୦ ମି. ସମୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ସହ ଉଦବୋଧନ କାର୍ଯ୍ୟକ୍ରମ ରହିଛି । ବ୍ୟାରିକେଡିଂ, ରାସ୍ତା ଓ ନାଳନରଦ୍ଦମା ସଫା ସୁତୁରା, ଟ୍ରାଫିକ ନିୟନ୍ତ୍ରଣ , ଶାନ୍ତି ଶୃଙ୍ଖଳା,ପ୍ୟାରେଡ ଅଭ୍ୟାସ, ସାମୁହିକ ପ୍ୟାରେଡ୍, ଫଳ ଓ ମିଷ୍ଠାନ୍ନ ବଣ୍ଟନ, ବିଭିନ୍ନ ପ୍ରତିଯୋଗିତା, ବିଭିନ୍ନ ବିଭାଗୀୟ ପ୍ରଜ୍ଞାପନ ମେଢ ପ୍ରଦର୍ଶନ,ଅଗ୍ନି ନିର୍ବାପନ, ୨୦ ଓଭର ସୀମିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ , ପିଇବା ପାଣି, ଆମ୍ବୁଲାନ୍ସ, ରକ୍ତଦାନ ଶିବିର, କ୍ରୀଡ଼ା, ଶିକ୍ଷା ଓ ଅନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଜିଲ୍ଲା ର ଗୌରବ ଆଣିଥିବା ବ୍ୟକ୍ତିବିଶେଷ ଙ୍କୁ ସମ୍ବର୍ଦ୍ଧନା, ସହର ର ସରକାରୀ କୋଠାବାଡ଼ି, ରାସ୍ତାଘାଟ ଆଲୋକମାଳା ରେ ସୁସଜ୍ଜିତ, ଅସ୍ଥାୟୀ ବିଦ୍ୟୁତ ଯୋଗାଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସୂଚାରୁରୂପେ ନିର୍ବାହ କରିବା ପାଇଁ ସଂପୃକ୍ତ ପୂର୍ତ୍ତ, ପୌର ପରିଷଦ, ସ୍ୱାସ୍ଥ୍ୟ ବିଭାଗ, ପୋଲିସ୍, ଉଦ୍ୟାନ ବିଭାଗ, କ୍ରୀଡା ବିଭାଗ, ପି.ଏଚ୍. ଡି. ,ସୁଚନା ଓ ଲୋକ ସମ୍ପର୍କ, ଯୋଗାଣ ବିଭାଗ, ଶିକ୍ଷା ବିଭାଗ, ସମାଜ କଲ୍ୟାଣ , ସଂସ୍କୃତି ବିଭାଗ,ଜିଲ୍ଲା ପରିବହନ, ସ୍ୱମନୀତ ଆଦିବାସୀ ଉନ୍ନୟନ ସଂସ୍ଥା, କୃଷି, ଶ୍ରମ, ସମାଜ କଲ୍ୟାଣ, ଶିଶୁ ସୁରକ୍ଷା,ଜଳ ବିଭାଜିକା,ବସ ମାଲିକ ସଂଘ, ବଣିକ ସଂଘ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଗଲା। ଚଳିତ ବର୍ଷ ବିଭିନ୍ନ ସ୍କୁଲ୍ କଲେଜ୍ ରୁ ୨୮ ଟି ପ୍ଲାଟୁନ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପ୍ୟାରେଡ୍ ଅଭ୍ୟାସ ପାଇଁ ପ୍ରତ୍ୟେକ ପ୍ଲାଟୁନ୍ ୨୨/୦୧,ଏବଂ ୨୩/୦୧ ଏବଂ ୨୪/୦୧/୨୦୨୬ସକାଳ ୦୮.୦୦ ଘ: ସମୟରେ ନବରଙ୍ଗପୁର ଷ୍ଟାଡିୟମରେ ଉପସ୍ଥିତ ରହି ପ୍ୟାରେଡ ଅଭ୍ୟାସ କରିବେ । ପୌରପାଳିକା ଅଧ୍ୟକ୍ଷ ସମସ୍ତଙ୍କ ସହଯୋଗରେ ଦିବସର କାର୍ଯ୍ୟକ୍ରମ କୁ ଅତି ସୁନ୍ଦର,ମନୋରମ ଓ ଶାନ୍ତି ଶୃଙ୍ଖଳା ସହ ପାଳନ କରିବାକୁ କହିଥିଲେ। ଶେଷରେ ଡି.ଆଇ.ପି.ଆର୍. ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ।

କାକଟପୁର ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ

କାକଟପୁର ୬/୧ (ନି.ପ୍ର) : କାକଟପୁର ନିର୍ବାଚନମଣ୍ଡଳୀ ର ନୋଡାଲ ପିଏମଶ୍ରୀ ହାଇସ୍କୁଲ ଭାବରେ ପରିଚିତ ଶିକ୍ଷାନୁଷ୍ଠାନ ରେ ମଙ୍ଗଳବାର ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୧ ଘଟିକା ସମୟରେ ଆୟୋଜିତ ଉତ୍ସବ ରେ ଅତିଥି ଭାବେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ,ସାଂସଦ ବ୍ଲକ ପ୍ରତିନିଧି କୈଳାସ ଚନ୍ଦ୍ର ନାୟକ, ସରପଞ୍ଚ ଅଭୟ ସେଠୀ, ସମାଜସେବୀ ରତିକାନ୍ତ ବେହେରା, ସମାଜସେବୀ ଜ୍ଞାନ ରଞ୍ଜନ ସାହୁ, ବରିଷ୍ଠ ନାଗରିକ ନିରଦ ବରନ ମହାନ୍ତି,ଆୟୋଜକ କାକଟପୁର ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ନନ୍ଦ,ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ରୀନା ଲତା ପରିଡା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ର ଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀ ର ବିକାଶ ହେବା ସହିତ ଭବିଷ୍ୟତ ରେ ବିଦ୍ୟାର୍ଥୀ ମାନେ ଉତ୍ତମ ଚରିତ୍ର ଗଠନ କରିବା ଦିଗରେ ଶିକ୍ଷା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଅତିଥି ମାନେ ବିଦ୍ୟାଳୟ ରେ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ, ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ଷ୍ଟଲ,, ଆକାଂକ୍ଷା ମେଳା ପରିଷଦ ପକ୍ଷରୁ ବିଭିନ୍ନ ଗ୍ୟାଲେରୀ ରେ ଛାତ୍ର ଛାତ୍ରୀ ମାନଙ୍କ ଜିଂଜ୍ଞାସା, କୌଶଳୀ, ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନ, କାହାଣୀ ଗଛ, ଲୋପ ପାଉଥିବା ପୁରାତନ ସାମଗ୍ରୀ ରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, ଦୈନିକ ବଜାର, ଦିନିକିଆ ଉଦ୍ୟୋଗ ଷ୍ଟଲ ଆଦି ବୁଲି ଦେଖିବା ସହିତ ସେମାନଙ୍କ ଠାରୁ ଖାଦ୍ୟ କିଣି ଖାଇବା ସହ ଛାତ୍ର ଛାତ୍ରୀମାନଙ୍କୁ ଭୁୟସୀ ପ୍ରଶଂସା କରିଥିଲେ। ଏହି ଉତ୍ସବ କୁ ସହକାରୀ ଶିକ୍ଷକ ପ୍ରତାପ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଉରଦୁ ଶିକ୍ଷକ ସେକ ସମରୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ।

ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ

କପିଲାଭଟାକୁ ହରାଇ ମନିଗାଁ ବିଜୟୀ

ବଙ୍ଗୋମୁଣ୍ଡା, ୦୬।୦୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଲାଭଟା ଓ ତାଳଭଟା ଗ୍ରାମର ମିଳିତ ଆନୁକୂଲ୍ୟରେ ରେ ଚାଲିଥିବା ତୃତୀୟ ତମ ରତ୍ନାକର ବାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଚତୁର୍ଥ ଦିବସ ରେ ପହଞ୍ଚିଛି । ଆୟୋଜକ କମିଟି ର ସଭାପତି ହୁଲେଶ୍ୱର ହଂସ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କପିଲାଭଟା ଗ୍ରାମ ପଞ୍ଚାୟତ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅରୁଣ କୁମାର ବାରିକ, ସମ୍ମାନୀୟ ଅତିଥି ଭାବରେ ପୂର୍ବତନ କପିଲାଭଟା ସରପଞ୍ଚ ନେତ୍ରାନନ୍ଦ ସଗଡିଆ, ପୂର୍ବତନ ଚୁଲିଫୁଙ୍କା ସମିତି ସଭ୍ୟ ଅନିଲ ମାଝୀ, ବଲାଙ୍ଗୀର ଜିଲ୍ଲା କୃଷକ ସାଥି ସଂଘ ସଭାପତି ସୌଦାଗର ସାହୁ, ସହକାରୀ ଶିକ୍ଷକ ଶିବରାମ ସ୍ୱାଇଁ, କିରଣ କୁମାର ପ୍ରଧାନ, ବରୁଣ କୁମାର ବାରିକ, ଯୋଗିନ୍ଦ୍ର ବିଶି, ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ବିଶି, କିରାଣୀ ବୃନ୍ଦାବନ ବେହେରା, ସ୍ୱେଚ୍ଛାସେବୀ ମହିପାଳ ଷଣ୍ଡ,ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ସହକାରୀ ଶିକ୍ଷକ ଦୀପକ କୁମାର ବେହେରା, ସମାଜସେବୀ ଝସକେତନ ଭୋଇ,ପାଣି ପଞ୍ଚାୟତ ସଭାପତି ଅଶୋକ ଛୁରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।ଚତୁର୍ଥ ଦିବସ ମ୍ୟାଚ୍‌ରେ କପିଲାଭଟା ଓ ମନିଗାଁ ଦଳ ମଧ୍ୟରେ ଖେଳ ହୋଇଥିଲା । ଏଥିରେ କପିଲାଭଟା କୁ ୧-୦ ଗୋଲ ରେ ପରାସ୍ତ କରି ମନିଗାଁ ଦଳ ବିଜୟୀ ହୋଇଥିଲା । ରେଫରୀ ନିତେଶ ମାଝୀ ଖେଳ ପରିଚାଳନା କରିଥିବା ବେଳେ ଲାଇନ ରେ ବୈଷ୍ଣବ ତାଣ୍ଡି ଓ ନବୀନ ସରାଫ ସହଯୋଗ କରିଥିଲେ ।ପରମାନନ୍ଦ ଛତ୍ରିଆ ଧାରା ବିବରଣୀ ପ୍ରଦାନ କରିଥିଲେ ।ଆୟୋଜକ କମିଟି ର ସଂଯୋଜକ ରାହୁଲ ବାଗ, ଉପସଭାପତି ତ୍ରିବିକ୍ରମ ବେହେରା, ସମ୍ପାଦକ ଆଶିଷ ବେହେରା, ସହ ସମ୍ପାଦକ ଗିରିଶ ଅଦା, କୋଷାଧ୍ୟକ୍ଷ ପ୍ରିୟରଞ୍ଜନ ହଂସ, ଉପଦେଷ୍ଟା ଅଶୋକ କୁମାର ବିଶି, ସଦସ୍ୟ ଜିତେନ୍ଦ୍ର ହଂସ,, ଅଭିଷେକ ହଂସ, ନିତ୍ୟା ହଂସ,ବିକାଶ ହଂସ, ତରଣୀ ପୁଞ୍ଜି, ସନ୍ତୋଷ ହଂସ ସହ ବହୁ ସଦସ୍ୟ ମାନେ ସହଯୋଗ କରିଥିଲେ । ଆସନ୍ତାକାଲି ବରତୁଣ୍ଡା ଓ ବଙ୍ଗୋମୁଣ୍ଡା ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ । ୯ ତାରିଖ ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

ଭାରତରେ ଉଚ୍ଚଶିକ୍ଷାର ଅନ୍ତର୍ଜାତୀୟକରଣ ଉପରେ ନିତି ଆୟୋଗ ରିପୋର୍ଟ

ବିଦେଶୀ ଶିକ୍ଷାର୍ଥୀଙ୍କୁ ଆପଣାଇବାରେ କିଟ୍ ଦେଶର ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୬।୧ (ନି.ପ୍ର) : ଉଚ୍ଚଶିକ୍ଷା ପାଇଁ ଓଡ଼ିଶା ବିଦେଶୀ ଛାତ୍ରଛାତ୍ରୀଙ୍କର ଏକ ପସନ୍ଦଯୋଗ୍ୟ ହବ୍‌ରେ ପରିଣତ ହୋଇଛି। ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୃତ୍ତିଗତ ପ୍ରତିଷ୍ଠାନଗୁଡ଼ିକରେ ବିଦେଶୀ ଶିକ୍ଷାର୍ଥୀଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ପାଉଛି ବୋଲି ନିକଟରେ ନିତି ଆୟୋଗ ରିପୋର୍ଟ ପ୍ରକାଶ ପାଇଛି। ଭାରତରେ ଉଚ୍ଚଶିକ୍ଷାର ଅନ୍ତର୍ଜାତୀୟକରଣ ଉପରେ ନିତି ଆୟୋଗର ରିପୋର୍ଟ ଅନୁସାରେ ୨୦୨୧-୨୨ ଶିକ୍ଷାବର୍ଷରେ ଓଡ଼ିଶାକୁ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷାଲାଭ ପାଇଁ ଆସିଛନ୍ତି।

ନିତି ଆୟୋଗ ରିପୋର୍ଟରେ ଭାରତର କେଉଁ ରାଜ୍ୟରେ କେତେ ପିଲା ପଢୁଥିଲେ ଓ କେତେ ବଢ଼ିଛନ୍ତି ତା ଉପରେ ପୁଙ୍ଖାନୁପୁଙ୍ଖ ସୂଚନା ଦିଆଯାଇଛି। ଖୁସିର କଥା ଓଡ଼ିଶାରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ସହ ବିଦେଶୀ ଛାତ୍ରଛାତ୍ରୀଙ୍କୁ ଆପଣାଇବାରେ ଭାରତର ଶ୍ରେଷ୍ଠ ୧୦ଟି ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ସେହିପରି ଦେଶର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି ଓ ବିଦେଶୀ ଛାତ୍ରଛାତ୍ରୀ ଆପଣାଇବାରେ କିଟ୍ ଦେଶରେ ପଞ୍ଚମ ସ୍ଥାନରେ ରହିଛି। ରିପୋର୍ଟରେ କୁହାଯାଇଛି, କୋଲକାତା ଓ ହାଇଦ୍ରାବାଦ ଆଦି କସ୍‌ମୋପଲିଟାନ୍ ନଗର ହୋଇଥିବା ବେଳେ ପଶ୍ଚିମବଙ୍ଗ, ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶଠାରୁ ଓଡ଼ିଶାରେ ଅଧିକ ବିଦେଶୀ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି।

ଗୁରୁତ୍ୱପୂର୍ଣ୍ଣ ବିଷୟ, ନିତି ଆୟୋଗ ରିପୋର୍ଟ ଅନୁସାରେ ଦେଶର ପୂର୍ବାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମୋଟ ୨୩୬୨ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରୁଥିବା ବେଳେ କେବଳ କିଟ୍‌ରେ ୨ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। କିଟ୍‌ରେ ବିଶ୍ୱର ୭୦ଟି ବିଭିନ୍ନ ଦେଶରୁ ୨ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଭାରତରେ ୫ଟି ଘରୋଇ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେଥିମଧ୍ୟରୁ ସର୍ବାଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଥିବା କିଟ୍ ୫ମ ସ୍ଥାନରେ ରହିଛି।

ବର୍ତ୍ତମାନ ସୁଦ୍ଧା ୫ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଛାତ୍ରଛାତ୍ରୀ କିଟ୍‌ରୁ ଉତ୍ତୀର୍ଣ୍ଣ ହୋଇ ସାରିଛନ୍ତି। ଭୁବନେଶ୍ୱର ଏକ ଟାୟାର୍-ଟୁ ସହର ଓ ଏଠାକୁ ଇଣ୍ଟରନ୍ୟାସ୍‌ନାଲ୍ ଫ୍ଲାଇଟ୍ ସଂଯୋଗର ବିଶେଷ ସୁବିଧା ନଥିଲେ ମଧ୍ୟ କିଟ୍‌ରେ ଶିକ୍ଷାଦାନ ସୁନାମ ଓ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ୟାନ୍ୟ ବିଭିନ୍ନ ସୁବିଧା ସୁଯୋଗ ଦିଆଯାଉଥିବାରୁ କିଟ୍ ପ୍ରତି ବିଦେଶୀ ଛାତ୍ରଛାତ୍ରୀଙ୍କ ଆକର୍ଷଣ ରହିଛି।

ଭାରତ ସରକାରଙ୍କ ନୂଆ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ ଅନୁସାରେ ଯେଉଁ ଶିକ୍ଷାନୁଷ୍ଠାନରେ ଯେତେ ଅଧିକ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିବେ, ସେହି ଅନୁସାରେ ଉକ୍ତ ଅନୁଷ୍ଠାନ ବା ରାଜ୍ୟକୁ ସରକାର ସେତିକି ଗୁରୁତ୍ୱ ଦିଆଯାଉଛି।

କିଟ୍‌ରେ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷାଲାଭର ସୁଯୋଗ ସୃଷ୍ଟି କରିଥିବାରୁ ବୁଦ୍ଧିଜୀବୀମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦର୍ଶିତା ପାଇଁ ସାଧୁବାଦ ଜଣାଇଛନ୍ତି। ୨୦୧୨ ମସିହାରେ ଓଡ଼ିଶାରେ ମାତ୍ର ୧୨ ଜଣ ବିଦେଶୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏବେ କେବଳ କିଟ୍‌ରେ ୨ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଆଗାମୀ ଶିକ୍ଷାବର୍ଷରେ କିଟ୍‌ରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଶ୍ରୀ ସାମନ୍ତ ଆଶା ପ୍ରକାଶ କରିଛନ୍ତି। କିଟ୍‌ରେ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ଭିତ୍ତିଭୂମି, ଶିକ୍ଷା ପରିବେଶ, ସୌନ୍ଦର୍ଯ୍ୟକରଣ, ସବୁଜିମା, ଓ ବିଶେଷକରି କ୍ରୀଡ଼ା ଭିତ୍ତିଭୂମି ଆଦି ସୁବିଧା ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

ଭେନିଜିଓ୍ୱାଲା ଉପରେ ଆମେରିକା ର ଆକ୍ରମଣ ବିରୋଧରେ ପଥପ୍ରାନ୍ତ ସଭା

ନୟାଗଡ଼, ୬।୧ (ନି.ପ୍ର): ନୟାଗଡ଼ ଟ୍ରାଫିକ ଛକ ଠାରେ ସିପିଏମ ପକ୍ଷରୁ କମ୍‌ରେଡ଼ ହରିଶ୍ଚନ୍ଦ୍ର ମିଶ୍ର ଙ୍କ ସଭପତିତ୍ୱ ରେ ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜାତିସଙ୍ଘ ଘୋଷଣା ପତ୍ର କୁ ବେଖାତିର ଆମେରିକା ଯେପରି ରାତି ଅଧରେ ଭେନିଜିଓ୍ୱାଲା ର ରାଜଧାନୀ ଉପରେ ଆକ୍ରମଣ କରି ରାଷ୍ଟ୍ରପତି ମାଦୁରୋ ଏବଂ ତାଙ୍କ ପତ୍ନୀ କୁ ଜୋର ଜବରଦସ୍ତ ଅପହରଣ କରିନେବା କୁ ବକ୍ତା ମାନେ ଦୃଢ଼ ନିନ୍ଦା କରିଥିଲେ। ଆମେରିକା ର ଏପରି କାର୍ଯ୍ୟକୁ ସାରା ପୃଥିବୀର ବିଭିନ୍ନ ରାଷ୍ଟ୍ର ନିନ୍ଦା କରିବା ସହିତ ଏଭଳି କାର୍ଯ୍ୟରୁ ନିବୃର୍ତ୍ତ ରହିବାକୁ ଚେତାବନୀ ଦେଇଛନ୍ତି। ତୁରନ୍ତ ଭେନିଯୁଆଲ ରାଷ୍ଟ୍ରପତି ମାଦୁରୋ ଓ ତାଙ୍